
ସବୁଜଶ୍ରୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
କଲେଜ ଛକ, କଟକ


OUR NCC CADETS
ସରସତୀ ଶିଶୁ ବିଦ୍ୟା ମନ୍ଦିର
କଲେଜଛକ, କଟକ
ତମ କାରଗିଲ୍ ବିଜୟ ଦିବସ
ତା - ୨୬.୦୭.୨୦୨୪ ରିଖ
ARGIL BIJAY
SHAURYA
DISHA BATTA


ଆମ ସ୍କାଉଟ ଗାଇଡ

ମୁଖ୍ୟ ସଂପାଦକ

**ଶ୍ରୀଯୁକ୍ତ ମନୋଜ କୁମାର ଦାଶ**

ପ୍ରଧାନ ଆଚାର୍ଯ୍ୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,
କଲେଜଛକ, କଟକ

ସଂଯୋଜନା

**ଶ୍ରୀମତୀ ସଂଘମିତ୍ରା ଦାସ**

ଆଚାର୍ଯ୍ୟା

# ଅଲଂକରଣ

**ଶ୍ରୀମତୀ ଲିପ୍‌ସିତା ସାଇଁ**

**ଶ୍ରୀମତୀ ବବିତା ପ୍ରିୟଦର୍ଶିନୀ ମହାପାତ୍ର**

**ବିକାଶ କୁମାର ସାହୁ**

# ସଂପାଦନା ମଣ୍ଡଳୀ

**ଶ୍ରୀଯୁକ୍ତ ହର ପ୍ରସାଦ ରାଜ୍ (ସଂପାଦକ)**

**ଶ୍ରୀମତୀ ରଶ୍ମୀରାଣୀ ଷଡ଼ଙ୍ଗୀ**

**ଶ୍ରୀମତୀ ମୀରା ମଞ୍ଜରୀ ନାୟକ**

**ଶ୍ରୀମତୀ ମୀନାକ୍ଷୀ ତ୍ରିପାଠୀ**

**ଶ୍ରୀମତୀ ମମତା ବେହେରା**

**ଶ୍ରୀଯୁକ୍ତ ଦେବାନନ୍ଦ ଦାସ**

# ସବୁଜଶ୍ରୀ



୩୮ତମ ବାର୍ଷିକ ଉତ୍ସବ ସଂସ୍କରଣ

୨୦୨୩-୨୪

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,

**କଲେଜଛକ, କଟକ-୭୫୩୦୦୩**

**ଫୋନ୍ - (୦୬୭୧)୨୫୪୮୫୭୭/୩୫୮୨୯୯୯**

Website : www.ssvmcuttack.com
E-mail : ssvmcollegesquare1987@gmail.com,



# *Know our Chief Guest*

## Hon'ble Nityananda Gond

## Minister of School & Mass Education, ST&SC Development, Minorities & Backward Classes Welfare Govt. Of Odisha

Nityananda Gond works as a politician in India. He holds the position of Minister of School and Mass Education. He also serves as the Minister for ST & SC Development, Minorities & Backward Classes Welfare in Odisha's government. He has been elected for the Umerkote Assembly Constituency in the Odisha Legislative Assembly. This constituency sits in the Nabarangpur district.

Gond studied at Berhampur University. He earned a Master's degree in History in 2000. He then got an LLB from Jeypore Law College in 2003.

On June 12, 2024, Gond took his oath of office. This happened at the same time as Chief Minister Mohan Charan Majhi. The ceremony took place at Janata Maidan in Bhubaneswar. Odisha Governor Raghubar Das gave them the oath. Many big names showed up for the event. These included Prime Minister Narendra Modi, Home Minister Amit Shah, and Defense Minister Rajnath Singh. Chief Ministers from ten states led by the BJP also came to watch.

| Detail | Information |
|---|---|
| Full Name | Nityananda Gond |
| Born | 1 June 1978 (age 46) |
| Spouse | Chaiti Gond |
| Profession | Advocate, Politician |
| Position | Minister of school and Mass Education Odisha |
| Political Party | Bharatiya Janata Party |
| Constituency | Umerkote (ST) |
| Assumed office | 12 June 2024 |
| Previous Roles | Various Position with the Odisha government , focusing on tribal development and education |

***

ବିଦ୍ୟା ଭାରତୀ VIDYA BHARATI

# ଶିକ୍ଷା ବିକାଶ ସମିତି, ଓଡ଼ିଶା

# SHIKSHA VIKASH SAMITI, ODISHA

ସରସ୍ୱତୀ କୁଞ୍ଜ, ଇ-୫୯, ସେକ୍ଟର - ଏ, ଜୋନ୍ - ଏ, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର - ୭୫୧୦୧୦

SARASWATI KUNJA, E-59, SECTOR - A, ZONE - A, MANCHESWAR INDUSTRIAL ESTATE, BHUBANESWAR -10

MOB. - 8280866977, E-mail : svsodisha1977@gmail.com, Web Site : www.svsodisha.com



Affiliated to Vidya Bharati Akhil Bharatiya Shiksha Sansthan, Lucknow

Regd. NO. BBSR-47838 of 1984-85 & 22486/76 OF 2007-08 Registrar of Societies, Orissa, Cuttack


**Letter No. :- 415/25** **Date :- 24.03.2025**



## ଶୁଭେଚ୍ଛା ବାର୍ତ୍ତା

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କଲେଜଛକ, କଟକର ବାର୍ଷିକ ଉତ୍ସବ ପାଳନ ଅବସରରେ ସ୍ମରଣିକା **'ସବୁଜଶ୍ରୀ'**ର ୩୮ତମ ସଂସ୍କରଣ ଆତ୍ମପ୍ରକାଶ ହେବା ଖବର ଶୁଣି ମୁଁ ବିଶେଷ ଭାବରେ ଆନନ୍ଦିତ।

ଶିଶୁ ଭିତରେ ଥିବା ସୃଜନକଳାର ବିକାଶ ଘଟେଇବା ପତ୍ରିକା ଏକ ମାଧ୍ୟମ ଅଟେ। ସେ ତା'ର ମନର ଭାବନାକୁ ଗଳ୍ପ, ପ୍ରବନ୍ଧ, କବିତା, ଚିତ୍ର, ରମ୍ୟକଥନ ଭାବେ ପରିପ୍ରକାଶ କରିଥାଏ। ଅନୁଷ୍ଠାନର ଏ ପ୍ରଚେଷ୍ଟା ଧନ୍ୟର୍ବାଦାହ।

ସ୍ମରଣିକା **'ସବୁଜଶ୍ରୀ'**କୁ ଆତ୍ମପ୍ରକାଶ କରିବାରେ ଜଡ଼ିତ ଥିବା ସମ୍ପାଦନା ମଣ୍ଡଳୀ, କାର୍ଯ୍ୟକର୍ତ୍ତା ଓ ଗୁରୁଜୀଗୁରୁମାମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା। ଏଥିରେ ଲେଖାଦେଇଥିବା ସମସ୍ତ ସ୍ରଷ୍ଟାଙ୍କୁ ଅଭିନନ୍ଦନ। ଉଭୟ ଅନୁଷ୍ଠାନ ଓ ସ୍ମରଣୀକା ଯଶସ୍ୱୀ ହୁଅନ୍ତୁ ଏହା ହିଁ କାମନା।

ଭାରତ ମାତା କୀ ଜୟ।

*ସମ୍ପାଦକ*

*ଶିକ୍ଷା ବିକାଶ ସମିତି, ଓଡ଼ିଶା*

ବିଦ୍ୟା ଭାରତୀ VIDYA BHARATI

# ଶିକ୍ଷା ବିକାଶ ସମିତି, ଓଡ଼ିଶା
# SHIKSHA VIKASH SAMITI, ODISHA

ସରସ୍ୱତୀ କୁଞ୍ଜ, ଇ-୫୯, ସେକ୍ଟର - ଏ, ଜୋନ୍ - ଏ, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର - ୭୫୧୦୧୦
SARASWATI KUNJA, E-59, SECTOR - A, ZONE - A, MANCHESWAR INDUSTRIAL ESTATE, BHUBANESWAR -10
MOB. - 8280866977, E-mail : svsodisha1977@gmail.com, Web Site : www.svsodisha.com

Affiliated to Vidya Bharati Akhil Bharatiya Shiksha Sansthan, Lucknow
Regd. NO. BBSR-47838 of 1984-85 & 22486/76 OF 2007-08 Registrar of Societies, Orissa, Cuttack

Letter No. :- 416/25 Date :- 24.03.2025



## ଶୁଭେଚ୍ଛା ବାର୍ତ୍ତା

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ତୁକୁଲା, ନୂଆପଡ଼ାର ରଜତ ଜୟନ୍ତୀ ସ୍ମରଣିକା ଆତ୍ମପ୍ରକାଶ ହେଉଥିବା ଖବର ଶୁଣି ମୁଁ ବେଶ ଆନନ୍ଦିତ ।

ଭାରତୀୟ ଶିକ୍ଷା, ସଂସ୍କୃତି ଓ ପରମ୍ପରା ଉପରେ ପର୍ଯ୍ୟବେଶିତ ଏ ବିଦ୍ୟାଳୟ ଶିକ୍ଷାକ୍ଷେତ୍ରରେ ଏକ ଅଗ୍ରଣୀ ଅନୁଷ୍ଠାନ ରୂପେ ସୃଷ୍ଟି କରିଛି ଅନେକ କୃତି ବିଦ୍ୟାର୍ଥୀମାନଙ୍କୁ ଯେଉଁମାନେ ଆଜି ବିଭିନ୍ନ କ୍ଷେତ୍ରରେ ସୁପ୍ରତିଷ୍ଠିତ ।

ନିରବଚ୍ଛିନ୍ନ ଭାବେ ପ୍ରକାଶିତ ହେଉଥିବା ଏହି ମୁଖପତ୍ରର ରଜତ ଜୟନ୍ତୀ ବିଶେଷାଙ୍କ ଶିଶୁ ମାନଙ୍କର ମନର କଥା ଓ ଭୟଶୂନ୍ୟ ଅଭିବ୍ୟକ୍ତି ଏଥିରେ ପ୍ରତିଫଳିତ ହୋଇ ସେମାନଙ୍କ ସୃଜନର ପରିଚୟ ଦେବା ସହ ଅନୁଷ୍ଠାନର ଯଶ ଗାନ କରିଥାଏ । ସୁତରାଂ ଅନୁଷ୍ଠାନର ମୁଖପତ୍ର ହିଁ ତା'ର ଗର୍ବ ଓ ଗୌରବ । ସେହି ଗୌରବର ଅଧିକାରୀ ହେବା ପାଇଁ ଯେଉଁମାନଙ୍କର ପ୍ରତ୍ୟକ୍ଷ ବା ପରୋକ୍ଷ ସଦିଚ୍ଛା, ସହଭାଗିତା ଓ ସହଯୋଗିତା ରହିଛି ମୁଁ ସେମାନଙ୍କୁ ଶୁଭେଚ୍ଛା ଜଣାଉଛି । ସୃଷ୍ଟି ଓ ସ୍ରଷ୍ଟାଙ୍କୁ ନମନ କରୁଛି । ମୁଖପତ୍ରଟି ପାଠକୀୟ ଆଦୃତି ଲାଭ କରିବାର ଇଚ୍ଛା ପୋଷଣ କରି ରହୁଛି ।

ଭାରତ ମାତା କୀ ଜୟ ।

ନନ୍ଦକିଶୋର ମହାନ୍ତି
ସଭାପତି
*ଶିକ୍ଷା ବିକାଶ ସମିତି, ଓଡ଼ିଶା*

ବିଦ୍ୟା ଭାରତୀ VIDYA BHARATI

# ଶିକ୍ଷା ବିକାଶ ସମିତି, ଓଡ଼ିଶା
# SHIKSHA VIKASH SAMITI, ODISHA

ସରସ୍ୱତୀ କୁଞ୍ଜ, ଇ-୫୯, ସେକ୍ଟର - ଏ, ଜୋନ୍ - ଏ, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର - ୭୫୧୦୧୦
SARASWATI KUNJA, E-59, SECTOR - A, ZONE - A, MANCHESWAR INDUSTRIAL ESTATE, BHUBANESWAR -10
MOB. - 8280866977, E-mail : svsodisha1977@gmail.com, Web Site : www.svsodisha.com

Affiliated to Vidya Bharati Akhil Bharatiya Shiksha Sansthan, Lucknow
Regd. NO. BBSR-47838 of 1984-85 & 22486/76 OF 2007-08 Registrar of Societies, Orissa, Cuttack

**Letter No. :- 418/25** **Date :- 24.03.2025**



## ଶୁଭେଚ୍ଛା ବାର୍ତ୍ତା

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ତୁକୁଲାର ରଜତ ଜୟନ୍ତୀ ଉତ୍ସବ ପାଳନ ଅବସରରେ ବିଦ୍ୟା ଭାରତୀ, ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ତରଫରୁ ଅଭିନନ୍ଦନ ଜ୍ଞାପନ କରୁଅଛି।

ବିଦ୍ୟା ଭାରତୀ ବିକାଶ ଯାତ୍ରାରେ ଏକ ସଫଳ ଶିକ୍ଷାନୁଷ୍ଠାନ ଭାବେ ସୁନାମ ବଜାୟ ରଖି ଭାରତୀୟତା, ସଂସ୍କୃତି ଓ ପରମ୍ପରାର ସ୍ୱାକ୍ଷର ଲିପିବଦ୍ଧ କରିପାରିଛି। ବିଦ୍ୟାର୍ଥୀଙ୍କ ସମଗ୍ର ବିକାଶ ବା ଶାରୀରିକ, ମାନସିକ, ବୌଦ୍ଧିକ, ସାମାଜିକ ତଥା ସାଂସ୍କୃତିକ ବିକାଶରେ ବ୍ରତୀ ହୋଇ କୃତି ଓ କୃତିତ୍ୱର ନିର୍ମାଣର ଧାରା ଚାଲିଛି।

ଏହି ଅବସରରେ ପୂର୍ବ ବିଦ୍ୟାର୍ଥୀମାନଙ୍କ ଅନୁଭବ ତଥା କାର୍ଯ୍ୟକର୍ତ୍ତା ବନ୍ଧୁ, ଆଚାର୍ଯ୍ୟ ବର୍ଗର ସ୍ମୃତି ସହ ସମାଜ ଉପଯୋଗୀ ଲେଖା ବହନ କରି ରଜତ ଜୟନ୍ତୀ ବିଶେଷାଙ୍କ ସମାଜରେ ଆଦୃତ ହେଉ। ପ୍ରକାଶନ ସହିତ ସମ୍ପର୍କିତ ଛାତ୍ରଛାତ୍ରୀ, ଆଚାର୍ଯ୍ୟଆଚାର୍ଯ୍ୟା ଓ ଅଭିଭାବକ ମଣ୍ଡଳୀ ତଥା ପ୍ରବନ୍ଧ ସମିତିର କାର୍ଯ୍ୟକର୍ତ୍ତାଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ।

ଭାରତ ମାତା କୀ ଜୟ।

ତାରକ ଦାସ ସ୍ୱରକାର
*ସଂଗଠନ ସମ୍ପାଦକ*
*ଶିକ୍ଷା ବିକାଶ ସମିତି, ଓଡ଼ିଶା*



# ବାର୍ତ୍ତା

ଆର୍ଯ୍ୟଭୂମି ଭାରତବର୍ଷର ଗୁରୁକୂଳ ପରମ୍ପରା, ସଂସ୍କୃତିକୁ ଉଜ୍ଜିବିତ କରି ଦେଶକୁ ରାମରାଜ୍ୟର ସନ୍ଦେଶ ଦେବା ଲକ୍ଷ୍ୟ ନେଇ, ଗ୍ରାମଠାରୁ ଦେଶ ପର୍ଯ୍ୟନ୍ତ କାର୍ଯ୍ୟ କରୁଥିବା ଶିକ୍ଷା ବିକାଶ ସମିତି ଶିଶୁ ମନ୍ଦିର ଯୋଜନା ଏକ ଯୁଗାନ୍ତକାରୀ ପଦକ୍ଷେପ । ଏହି ମହାନ ସେତୁ ବନ୍ଧସମ କାର୍ଯ୍ୟରେ ମୋତେ ବୋଲି କଣିକାଟିଏ ପକାଇବାକୁ ସୁଯୋଗ ମିଳିଥିବାରୁ ମୁଁ ନିଜକୁ ଧନ୍ୟ ମନେ କରୁଛି । ଆଜି ବିଦ୍ୟାଳୟର ୩୮ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଏ ପରିସର ହୋଇଛି ଉତ୍ସବ ମୁଖର । ଏହି ସମୟରେ ବିକାଶମୁଖୀ ଯୋଜନାର ଆବଶ୍ୟକତା ଅଛି । ଭଗବାନ ଏତିକି ଆଶୀର୍ବାଦ କରନ୍ତୁ, ମୁଁ ଏହି ବିକାଶମୁଖୀ ରଥକୁ ଆଗକୁ ଆଗକୁ ନେଇ ଭାରତ ମାତାର ଭବିଷ୍ୟତ ନାଗରିକଙ୍କୁ ଯୋଗ୍ୟ କରି ଗଢିପାରେ ।

ଆଜିର ଏହି ବାର୍ଷିକ ଉତ୍ସବର ଶୁଭଅବସରରେ ଉନ୍ମୋଚନ ଅପେକ୍ଷାରେ ଥିବା **ସବୁଜଶ୍ରୀ**ର ନବକଳେବରକୁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ଅର୍ପଣ କରିବା ସହିତ ଏହାକୁ ପୂର୍ଣ୍ଣାଙ୍ଗ କରିବା ପାଇଁ ସହଯୋଗର ହାତ ବଢାଇଥିବା ସମସ୍ତ ଆଚାର୍ଯ୍ୟ/ଆଚାର୍ଯ୍ୟା, ଶିଶୁ ଭାଇଭଉଣୀ ତଥା କର୍ମକର୍ତ୍ତାମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

।। ଭାରତ ମାତା କି ଜୟ ।।

ଶ୍ରୀଯୁକ୍ତ ବ୍ରଜେନ୍ଦ୍ର କୁମାର ରାଏ
ସଭାପତି
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କଲେଜଛକ, କଟକ-୩



# ବାର୍ତ୍ତା

ଭାରତର ଏକ ପ୍ରାଚୀନ ରାଜ୍ୟ ଭାବରେ ଓଡ଼ିଶାର ଏକ ଗୌରବ ମୟ ଇତିହାସ ରହିଛି । ଓଡ଼ିଶାର ଗୌରବ ମୟ ସହର କଟକ ଭାଇ ଚାରା, ସ୍ନେହ, ଶ୍ରଦ୍ଧା ପାଇଁ ବିଶେଷ ପରିଚିତ । କଟକର ମଧ୍ୟ ଭାଗରେ ପ୍ରତିଷ୍ଠିତ ଆମ ବିଦ୍ୟାଳୟ ଆଜି ୩୮ତମ ବର୍ଷରେ ପଦାର୍ପଣ କରିଛି । ଆଜି ୨୦୨୪ ମସିହା ବୈଶାଖ କୃଷ୍ଣ ପଂଚମୀ ତିଥି ସଂାଧ ଅବସରରେ ବାର୍ଷିକ ଉତ୍ସବ ପାଇଁ ସଜାଯାଇଛି ଆମ ଶିଶୁ ବିଦ୍ୟା ମନ୍ଦିର । ବିଦ୍ୟା ମନ୍ଦିରର ଶାନ୍ତ ସଂନ୍ଧ୍ୟା ଆଜି କୋଳାହଳ ମୟ ।

ସଂପାଦକ ଭାବରେ ଭାଗ୍ୟ ବଶତଃ ଏ ସେବାର ଅବସର ମୋତେ ମିଳିଛି । ହିନ୍ଦୁ ସଂସ୍କୃତି ଓ ପରମ୍ପରାକୁ ନେଇ ଲକ୍ଷ୍ୟ ଲକ୍ଷ୍ୟ ଛାତ୍ରଛାତ୍ରୀମାନଙ୍କୁ ସଂସ୍କାର ମୂଳକ ଶିକ୍ଷା ଦେଇ ଆସିଥିବା ଆମ ବିଦ୍ୟାଳୟ ଆଜି ନିଜର ସାଂସ୍କୃତିକ ମୂଲ୍ୟବୋଧ ପାଇଁ  ବିଶ୍ୱ ଦରବାରରେ ପରିଚୟ ସୃଷ୍ଟି କରିଛି ।

ଆଜି ବିଦ୍ୟାଳୟର ମୁଖପତ୍ର ପ୍ରକାଶ ଅବସରରେ ମୁଁ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ମାନଙ୍କୁ ଧନ୍ୟବାଦ ଜଣାଉଛି ଯାହାଙ୍କ ଅକ୍ଳାନ୍ତ ପରିଶମ ଓ ସେବା ଦ୍ୱାରା ଅନୁଷ୍ଠାନଟି ଇତିହାସ ସୃଷ୍ଟି କରୁଛି ।

ବନ୍ଦେ ଉତ୍କଳ ଜନନୀ ।

।। ଭାରତ ମାତା କି ଜୟ ।।

ଡ଼. ସୌମ୍ୟ ରଂଜନ ମିଶ୍ର (ଆଡ୍‌ଭୋକେଟ୍)
ସମ୍ପାଦକ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କଲେଜଛକ, କଟକ-୩

# ଆମ ପରିଚାଳନା ସମିତି



ଶ୍ରୀଯୁକ୍ତ ବ୍ରଜେନ୍ଦ୍ର କୁମାର ରାୟ
ସଭାପତି



ଶ୍ରୀଯୁକ୍ତ ବିଭୁତି ରଞ୍ଜନ ମହାପାତ୍ର
ଉପସଭାପତି



ଡ଼. ସୌମ୍ୟରଞ୍ଜନ ମିଶ୍ର
ସମ୍ପାଦକ



ଶ୍ରୀଯୁକ୍ତ ବିଭୁଦେନ୍ଦ୍ର ମହାନ୍ତି
କୋଷାଧକ୍ଷ



ଶ୍ରୀମତୀ ତପସ୍ଵିନୀ ବେହେରା
ସଦସ୍ୟା



ଶ୍ରୀମତୀ ନିଶାରାଣୀ କର
ସଦସ୍ୟା



ଶ୍ରୀଯୁକ୍ତ ମନୋଜ କୁମାର ଦାଶ
ପ୍ରଧାନ ଆଚାର୍ଯ୍ୟ



ଶ୍ରୀଯୁକ୍ତ ରାମଚନ୍ଦ୍ର ସାହୁ
ଆଚାର୍ଯ୍ୟ ପ୍ରତିନିଧି

# ଗର୍ବ ଓ ଗୌରବ



୨୦୨୪-୨୫ ମ୍ୟାଟ୍ରିକ୍ ଟପର (କଟକ ଜିଲ୍ଲାର) ଓ ପଠାଣୀ ସାମନ୍ତ ଗଣିତ ମେଧାବୃତି - ୨୦୨୩



ଆର୍ୟନ ସାହୁ
୩ୟ ସରକାରୀ ବୃତ୍ତି



ସାଇ ପ୍ରନିତ୍
୩ୟ ସରକାରୀ ବୃତ୍ତି



ବିଶ୍ୱ ରଂଜନ ମହାପାତ୍ର
୩ୟ ସରକାରୀ ବୃତ୍ତି



ରିତେଶ କୁମାର ଓରାମ
ପ୍ରାଦେଶିକ ମେଧା (୩ୟ)



ସ୍ମୃତିରେଖା ସାହୁ
୫ମ ସରକାରୀ ବୃତ୍ତି



ଦିବ୍ୟଦର୍ଶିନୀ ରାଉତ
୫ମ ସରକାରୀ ବୃତ୍ତି



ଜ୍ୟୋତି ସମୀକ୍ଷା ନାୟକ
ପ୍ରାଦେଶିକ ମେଧା (୫ମ)



ବୈଭବ ସାହୁ
୫ମ ସରକାରୀ ବୃତ୍ତି



ସତ୍ୟଜିତ୍ ବରାଳ
ପ୍ରାଦେଶିକ ମେଧା ଓ ଶ୍ରୀ ଭାରତୀକୃଷ୍ଣ ଗଣିତ ପ୍ରତିଭା (୯ମ)



ଜ୍ଞାତିପ୍ରଜ୍ଞା ଦାସ
ପଠାଣୀ ସାମନ୍ତ ମେଧାବୃତି (୨୦୨୩) (୯ମ)



ନୀତିନ୍ କୁମାର ଦାସ
ପଠାଣୀ ସାମନ୍ତ ମେଧାବୃତି (୨୦୨୩)୬ଷ୍ଠ



ମାନସ ରଂଜନ ପ୍ରଧାନ
ପଠାଣୀ ସାମନ୍ତ ମେଧାବୃତି (୨୦୨୩) (୯ମ)



ସାଇ ସାର୍ଥକ ପ୍ରଧାନ
ପ୍ରାଦେଶିକ ମେଧା ଶ୍ରୀ
ଭାରତୀକୃଷ୍ଣ ଗଣିତ ପ୍ରତିଭା
(୭ମ) ଓ ପଠାଣୀ ସାମନ୍ତ
ମେଧାବୃତି (୨୦୨୩)



କ୍ରୀତିକା ମିଶ୍ର
ପ୍ରାଦେଶିକ ମେଧା ଶ୍ରୀ
ଭାରତୀକୃଷ୍ଣ ଗଣିତ ପ୍ରତିଭା
(୭ମ) ଓ ପଠାଣୀ ସାମନ୍ତ
ମେଧାବୃତି (୨୦୨୩)



ରାଜେଶ୍ୱରୀ ମହାନ୍ତି
ପ୍ରାଦେଶିକ ମେଧା ଶ୍ରୀ
ଭାରତୀକୃଷ୍ଣ ଗଣିତ ପ୍ରତିଭା
(୭ମ) ଓ ପଠାଣୀ ସାମନ୍ତ
ମେଧାବୃତି (୨୦୨୩)



ସଙ୍କେତ କୁମାର ସାହୁ
ଶ୍ରୀ ଭାରତୀକୃଷ୍ଣ ଗଣିତ
ପ୍ରତିଭା (୯ମ)



ସାଇ ଅଂଶୁମାନ ରାଉତ
ଖେଳକୁଦ ଚମ୍ପିୟାନ୍
(ଶିଶୁବର୍ଗ ଭାଇ)ଶ୍ରେଣୀ - ୫ମ



ଯାଜ୍ଞସେନୀ ସାହୁ
ଖେଳକୁଦ ଚମ୍ପିୟାନ୍
(ବାଳବର୍ଗ ଭଉଣୀ)
ଶ୍ରେଣୀ - ୭ମ



ଶ୍ରୀମୟୀ ସାହୁ
ଖେଳକୁଦ ଚମ୍ପିୟାନ୍
(ଶିଶୁବର୍ଗ ଭଉଣୀ)
ଶ୍ରେଣୀ - ୫ମ



ଆହ୍ୱାନ କୁମାର ସାହୁ
ଖେଳକୁଦ ଚମ୍ପିୟାନ୍
(ବାଳବର୍ଗ ଭାଇ)
ଶ୍ରେଣୀ - ୭ମ



ପ୍ରିତମ ମହାପାତ୍ର
ଖେଳକୁଦ ଚମ୍ପିୟାନ୍
(କିଶୋରବର୍ଗ ଭାଇ)
ଶ୍ରେଣୀ - ୯ମ



ଅନ୍ୱେଷା ପଣ୍ଡା (୭ମ ଶ୍ରେଣୀ)
ବୈଦିକ ଗଣିତ ପତ୍ରବାଚନ
୧ମ, (ପ୍ରାନ୍ତ), ୨ୟ (କ୍ଷେତ୍ର)



ବିଷ୍ଣୁପ୍ରିୟା ନାୟକ
ଖେଳକୁଦ ଚମ୍ପିୟାନ୍
(କିଶୋରବର୍ଗ ଭଉଣୀ)
ଶ୍ରେଣୀ - ୯ମ



୭୮ତମ ସାଧୀନତା ଦିବସ ଅବସରରେ
ବାରବାଟି ଷ୍ଟଡ଼ିୟମରେ ଜିଲ୍ଲା ସ୍ତରୀୟ
ପ୍ୟାରେଡ୍ ପ୍ରତିଯୋଗିତାରେ ପୁରସ୍କୃତ



ସୁପ୍ରିତି ମଲ୍ଲ (୧ମ ଶ୍ରେଣୀ)
ତରଙ୍ଗ ଚ୍ୟାନେଲ୍ର
ଓ ସିଦ୍ଧାର୍ଥ ଚ୍ୟାନେଲ୍ର କୁନି କଳାକାର



ପ୍ରାଚୀ ଶୁଭଦର୍ଶିନୀ ବେହେରା (୯ମ ଶ୍ରେଣୀ)
ଯୁବ ମହାକାଶ ଜ୍ୟୋତିର୍ବିଦ୍ ପ୍ରତିଭା
ଅନ୍ୱେଷଣ ୨୦୨୪-୨୫
(ଇସ୍ରୋ ପରିଦର୍ଶନର ସୁଯୋଗ ପ୍ରାପ୍ତ)


ଆମ ପରିବାର
Apr 26, 2025, 08:43

# ଆମ ପରିବାର

## ଶ୍ରୀଯୁକ୍ତ ମନୋଜ କୁମାର ଦାଶ

ବି.ଏସ୍.ସି. ବି.ଏଡ୍,
ପ୍ରଧାନ ଆଚାର୍ଯ୍ୟ

### ଆଚାର୍ଯ୍ୟ / ଆଚାର୍ଯ୍ୟା

ଶ୍ରୀମତୀ ମୌସୁମୀ ଦାସ, ବି.ଏ.

ଶ୍ରୀମତୀ ସବିତା ପାତ୍ର, ବି.ଏ.

ଶ୍ରୀଯୁକ୍ତ ରାମ ଚନ୍ଦ୍ର ସାହୁ, ଏମ୍.ଏ.,ବି.ଏଡ୍

ଶ୍ରୀମତୀ ସୁପ୍ରଭା ଲେଙ୍କା, ବି.ଏ.

ଶ୍ରୀମତୀ ମମତା ବେହେରା, ବି.ଏସ୍.ସି.(ପି.ଜି.ଡ଼ି.ସି.ଏ)

ଶ୍ରୀଯୁକ୍ତ ନିର୍ମଳ ଚନ୍ଦ୍ର ମିଶ୍ର, ବି.କମ୍.

ଶ୍ରୀମତୀ କାନନବାଳା ରାୟ, ବି.ଏ.

ଶ୍ରୀମତୀ ମିରାମଞ୍ଜରୀ ନାୟକ, ବି.ଏ., ବି.ଏଡ୍, ରତ୍ନ

ଶ୍ରୀମତୀ ମଞ୍ଜୁବାଳା ଲେଙ୍କା, ଏମ୍.ଏ, ବି.ଏଡ୍, ଏଲ୍.ଏଲ୍.ବି

ଶ୍ରୀଯୁକ୍ତ ହରପ୍ରସାଦ ରାଜ, ଏମ୍.ଏ, ଏଲ୍.ଏଲ୍.ବି.

ଶ୍ରୀମତୀ ସୁଜାତା ମିତ୍ର, ବି.ଏ., ହିନ୍ଦୀ(ରତ୍ନ)

ଶ୍ରୀମତୀ ରଶ୍ମିରାଣୀ ଷଡ଼ଙ୍ଗୀ, ଏମ୍.ଏ., ବି.ଏଡ୍

ଶ୍ରୀମତୀ ନିର୍ମଳା ପୃଷ୍ଟି, ବି.ଏ.

ଶ୍ରୀଯୁକ୍ତ ଶରତ ଚନ୍ଦ୍ର ସାହୁ, ବି.ଏ.

ଶ୍ରୀମତୀ ସସ୍ମିତା ବେହେରା, ଏମ୍.ଏ.

ଶ୍ରୀମତୀ କବିତା ସ୍ୱାଇଁ, ଏମ୍.ଏ

ଶ୍ରୀମତୀ ଶକୁନ୍ତଳା ମିଶ୍ର, ବି.ଏସ୍.ସି., ବି.ଏଡ୍

ଶ୍ରୀଯୁକ୍ତ ଦେବାନନ୍ଦ ଦାସ, ବି.ଏଫ୍.ଏ.

ଶ୍ରୀମତୀ ରେଣୁବାଳା ସାହୁ, ଏମ୍.କମ୍.

ଶ୍ରୀଯୁକ୍ତ ଶ୍ୟାମଳ ରଂଜନ ସାମନ୍ତରାୟ, ବି.ଏସ୍.ସି.ବିଏଡ୍

ଶ୍ରୀମତୀ ସରୋଜୁବାଳା ମିଶ୍ର, ଏମ୍. ଏ. ବି. ଏଡ୍.

ଶ୍ରୀଯୁକ୍ତ ରଞ୍ଜିତ୍ ମହାନ୍ତି, ମ୍ୟାଟ୍ରିକ୍, ସି.ପି. ଏଡ୍.

ଶ୍ରୀମତୀ ଲୀନା ନାଥଶର୍ମା, ବି.ମସ୍.

ଶ୍ରୀମାନ୍ ଅମୂଲ୍ୟ ଚରଣ ରାଉତ, ବି.କମ୍.

ଶ୍ରୀମତୀ ସେବାଞ୍ଜଳିନ୍, ଏମ୍.ଏ.

ଶ୍ରୀଯୁକ୍ତ ପ୍ରକାଶ ଚନ୍ଦ୍ର ସାହୁ, ଏମ୍.ଏ. ବି.ଏଡ୍, ଏଲ୍.ଏଲ୍.ବି

ଶ୍ରୀମତୀ ମମତା ସ୍ୱାଇଁ, ବି. ମସ୍.

ଶ୍ରୀଯୁକ୍ତ ହରିଶ୍ଚନ୍ଦ୍ର ଦାସଅଧିକାରୀ, ଏମ୍.ଏ.

ଶ୍ରୀଯୁକ୍ତ ମନୋଜ କୁମାର ସାହୁ, ବି.ଏସ୍.ସି. ବି.ଏଡ୍,

ଶ୍ରୀମତୀ ସ୍ନେହାଞ୍ଜଳି କାନୁନ୍‌ଗୋ, ଏମ୍.ଏ. (ହିନ୍ଦୀ - ରତ୍ନ)

ସୁଶ୍ରୀ ସୁଚିତ୍ରା ସାହୁ, ବି.ଏ., ବି.ଏଡ୍.

ଶ୍ରୀଯୁକ୍ତ ରବୀନ୍ଦ୍ର କୁମାର ବେହେରା, ଏମ୍.ଏ.ଏଲ୍.ଏଲ୍.ବି

ଶ୍ରୀମତୀ ନିରୁପମା ମହାନ୍ତି, ଏମ୍.ଏ., ବି.ଏଡ୍.

ଶ୍ରୀମତୀ ଦେବଯାନୀ ମିଶ୍ର, ଏମ୍.ଏ.

ଶ୍ରୀମତୀ ସ୍ୱର୍ଣ୍ଣଲତା ମହାପାତ୍ର, ବି.ଏ.

ଶ୍ରୀମତୀ ରୀନା ମହାପାତ୍ର, ବି.ଏ.ବିଏଡ୍

ଶ୍ରୀଯୁକ୍ତ ଜୟଦେବ ତ୍ରିପାଠୀ, ବି.କମ୍.

ଶ୍ରୀ ସନ୍ଦୀପ କୁମାର ମିତ୍ର, ବି.କମ୍.

ଶ୍ରୀଯୁକ୍ତ ବିଷ୍ଣୁ ପ୍ରସାଦ ନାୟକ, ବି.ଏ.ବିଏଡ୍

ଶ୍ରୀମତୀ ପ୍ରଭାତୀ ପଣ୍ଡା, ବି.ଏ.

ଶ୍ରୀଯୁକ୍ତ ସମୀର ସୂତାର, ଏମ୍.ଏ.ବିଏଡ୍

ଶ୍ରୀଯୁକ୍ତ ରଶ୍ମୀ ରଞ୍ଜନ ନାୟକ, ଏମ୍.ଏ., ବି.ଏଡ୍, ଡ଼ି.ଆଇ.ଟି.

ଶ୍ରୀମତୀ ଅତସୀ କୁସୁମ ସ୍ୱାଇଁ, ଏମ୍.ଏ.

ଶ୍ରୀମତୀ ସୁଚିସ୍ମିତା ଶତପଥି, ବି.ଏ. ବି.ଏଡ୍,

ଶ୍ରୀମତୀ ମମତା ସିଂ, ବି.ଏ.

ଶ୍ରୀମତୀ ମୀନାକ୍ଷୀ ତ୍ରିପାଠୀ, ଏମ୍.ଏ.(ସଂସ୍କୃତ)

ଶ୍ରୀମତୀ କାଦମ୍ବିନୀ ନାୟକ, ବି.ଏ. (ହିନ୍ଦୀ ରତ୍ନ)

ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ବେହେରା, ବି.ଏସ୍.ସି.ବି.ଏଡ୍

ଶ୍ରୀମତୀ ବିନୋଦିନୀ ସାମନ୍ତରାୟ, ବି.ଏସ୍.ସି. ବି.ଏଡ୍,

ଶ୍ରୀମତୀ ସୁନୀତି ବେହେରା, ବି.ଏ.

ସୁଶ୍ରୀ ପ୍ରତିମା ସାହୁ, ବି.ଏ.ବି.ଏଡ୍,(ହିନ୍ଦୀ - ରତ୍ନ)

ଶ୍ରୀମତୀ ସଂଘମିତ୍ରା ଦାସ, ଏମ୍.ଏ., ବି.ଏଡ୍.

ଶ୍ରୀମତୀ ସରିତା ନାୟକ, ବି.ଏସ୍.ସି.,ବି.ଏଡ୍,(ପି.ଜି.ଡ଼ି.ସି.ଏ)

ଶ୍ରୀମତୀ ଗୌରୀରାଣୀ ମିଶ୍ର, ବି.ଏ., ବି.ଏଡ୍,

ଶ୍ରୀମତୀ ବବିତା ପ୍ରିୟଦର୍ଶିନୀ ମହାପାତ୍ର, ଏମ୍.ଏ.ବିଏଡ୍

ଶ୍ରୀଯୁକ୍ତ ଶୁଭକାନ୍ତ ଦାଶ, ବି.ଏ.

ଶ୍ରୀମତୀ ତପସ୍ୱିନୀ ମହାପାତ୍ର, ବି.ଏ.

ଶ୍ରୀମତୀ ଲିପ୍ସିତା ସ୍ୱାଇଁ, ବିଏସ୍.ସି., ('ଓ' ଲେଭଲ, ଟାଲି, ଡ଼ିଟିପି)

ଶ୍ରୀମତୀ ସଂଯୁକ୍ତା ଓଝା, ବି.ଏ., ବି.ଏଡ୍,

ଶ୍ରୀମତୀ ପୁଷ୍ପରେଖା ମହାପାତ୍ର, ବି.ଏ., ସି.ଟି.

ବିକାଶ କୁମାର ସାହୁ, ବିଏ. (ପି.ଜି.ଡ଼ି.ସି.ଏ, ଟାଲି)

କାଜଲ ଭୂୟାଁ, ବି.ଏ., ବି.ଏଡ୍,(ହିନ୍ଦୀ - ରତ୍ନ)

ସୁଶ୍ରୀ ହରପ୍ରିୟା ଦାସ, ବି.ଏସ୍.ସି.

ଶ୍ରୀମତୀ ବିଷ୍ଣୁପ୍ରିୟା ଷଡ଼ଙ୍ଗୀ, ଏମ୍.ଏ(ସଂସ୍କୃତ)ବିଏଡ୍

ଶ୍ରୀଯୁକ୍ତ କୁଳମଣି ରାଉତ, ବି.ଏସ୍‌ସି.

ଶ୍ରୀମତୀ ସୁଚିତ୍ରା ଚହଟରାୟ, ବି.ଏ., ବି.ଏଡ୍(ପି.ଜି.ଡ଼ି.ସି.ଏ)

ଶ୍ରୀମତୀ ପ୍ରିୟଙ୍କା ସାହୁ, ବି.ଏସ୍‌ସି., ବି.ଏଡ୍

## ସେବିକା / ସେବକ

ସୁଶ୍ରୀ ଆମ୍ଳନା ରେଡ୍ଡୀ, ସେବିକା

ଶ୍ରୀଯୁକ୍ତ ବିଳାସ ଚନ୍ଦ୍ର ବେହେରା, ସେବକ

ଶ୍ରୀଯୁକ୍ତ ସରୋଜ ରଂଜନ ସାହୁ, ସେବକ

ଶ୍ରୀମତୀ ପୂର୍ଣ୍ଣିମା ଚୌଧୁରୀ, ସେବିକା

ଶ୍ରୀମତୀ ନିରୁବାଳା ସେଠୀ, ସେବିକା

ଶ୍ରୀଯୁକ୍ତ କେଶବ ଚନ୍ଦ୍ର ମିଶ୍ର, ସେବକ ଓ ସୁରକ୍ଷାକର୍ମୀ

ଶ୍ରୀମାନ୍ ତପନ କୁମାର ଦାସ, ସେବକ

ଶ୍ରୀମତୀ ସୁନୀ ନାଏକ, ଝାଡ଼ୁଦାର

ଶ୍ରୀମତୀ ସବୁନା ଦେଇ, ଝାଡ଼ୁଦାର

# ସମ୍ପାଦକଙ୍କ ତୂଳୀରୁ........



ସୃଜନଶୀଳତା ହେଉଛି ସ୍ୱତଃସ୍ଫୁର୍ତ ଭାବନାର ଏକ ଆବେଗାତ୍ମକ ପରିପ୍ରକାଶ । ସ୍ରଷ୍ଟାର ସୃଷ୍ଟି ଚିରସ୍ରୋତା ତଟିନୀର ସ୍ରୋତ ସଦୃଶ ମାନସିକ ଭାବଧାରରା ଅନ୍ତର୍ନିହିତ ଗୁଣକୁ ପ୍ରତିବିମ୍ବିତ କରି ସମାଜକୁ ସାହିତ୍ୟିକ ଦିଗ୍ ଦର୍ଶନ ଦିଏ । ସାହିତ୍ୟ ସମାଜରେ ବୈପ୍ଳବିକ ପରିବର୍ତନ ଘଟାଇ ଶୈକ୍ଷିକ ଉନ୍ନତିର ମାର୍ଗ ଉନ୍ମୋଚନ କରେ । ସମାଜର ଶୈକ୍ଷିକ ବିକାଶ ଧାରାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଶିକ୍ଷା ବ୍ୟବସ୍ଥା ଭାରତୀୟ ସଂସ୍କୃତି ଓ ପରମ୍ପରା ଆଧାରରେ ଶିକ୍ଷା ଦାନର ବ୍ୟବସ୍ଥା କରି ସମାଜର ବିବିଧ କ୍ଷେତ୍ରରେ ଅଗ୍ରଧୂତ ଭାବେ ଦକ୍ଷତାର ସହିତ କୂଶଳୀ ଓ ଦକ୍ଷ ନାଗରିକ ଗଠନ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି । ଗିରି କନ୍ଦରରୁ ସୃଷ୍ଟ ନିର୍ଝରିଣୀ କଳକଳ ନାଦରେ ନିମ୍ନଗାମୀ ହୋଇ ତଟିନୀ ଗର୍ଭରେ ଲୀନ ହୋଇ ଯେପରି ପୂର୍ଣ୍ଣ ଗର୍ଭା ସୁନୀଳ ବାରିଧି ଗର୍ଭକୁ ପ୍ରବାହିତ ହୋଇ ବିରାଟ ସତା ଲାଭ କରେ, ଠିକ୍ ସେହିପରି କ୍ଷୁଦ୍ର ଶିଶୁ ଲେଖନୀ ସ୍ପର୍ଶରେ ତା'ର କ୍ଷୁଦ୍ର ମସ୍ତିଷ୍କରୁ ସୃଜନଶୀଳତା ସୃଷ୍ଟି ହୋଇ ପାଠକ ମାନଙ୍କୁ ଜ୍ଞାନାଲୋକର ସନ୍ଧାନ ଦେଇ ସମାଜକୁ ସୁସଂସ୍କୃତ ଓ ମାର୍ଜିତ କରାଏ ।

ଆମ ଶିଶୁ ମନ୍ଦିର ପରିବାରର ୩୮ତମ ପ୍ରତିଷ୍ଠା ଦିବସ ଓ ବାର୍ଷିକ ଉତ୍ସବର ସ୍ୱର୍ଣ୍ଣୀମ ମୁହୂର୍ତ୍ତରେ ପ୍ରକାଶିତ ହେବାକୁ ଯାଉଥିବା ବାର୍ଷିକ ମୁଖପତ୍ର **ସବୁଜଶ୍ରୀ** କୁ ମଣ୍ଡିତ ଓ ପଲ୍ଲଭିତ କରିଥିବା ସମସ୍ତ ଲେଖକ ଲେଖିକା କବି ଓ କବୟିତ୍ରୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଉତ୍ସାହ ପ୍ରଦାନ କରି ସେମାନଙ୍କ ଶୃଜନ ଶୀଳତାର ଉତ୍ତରୋତ୍ତର ଉନ୍ନତି ପାଇଁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଶ୍ରୀ ଚରଣରେ ଭକ୍ତିପୁତ ଶ୍ରଦ୍ଧା ସୁମନ ଅର୍ପଣ କରୁଛି । ସମୟର ଚିରନ୍ତନ ସ୍ରୋତରେ ସମସ୍ତଙ୍କର ଜୀବନ ଡ଼ୋରୀ ବନ୍ଧା । କର୍ତ୍ତବ୍ୟର ପରିଧି ମଧ୍ୟରେ ବନ୍ଧା ହୋଇ ରହିବା ହେଉଛି ଜୀବନର ଧର୍ମ ସମାୟାନୁବର୍ତ୍ତିତା ବ୍ୟକ୍ତିଗତ ତଥା ବୃତ୍ତିଗତ ଜୀବନକୁ ସଠିକ୍ ମାର୍ଗରେ ପରିଚାଳିତ କରି ସମାଜରେ ନିଜକୁ ପ୍ରତିଷ୍ଠିତ କରିବାର ଆହ୍ୱାନ ଆମ ସମ୍ମୁଖରେ ଦଣ୍ଡାୟମାନ ।

ଚାରିଗୋଟି ଭାଷାର ସମନ୍ୱୟରେ ଗଳ୍ପ, କବିତା, ପ୍ରବନ୍ଧ ଓ ଜଣାଅଜଣାକୁ ନେଇ 'ସବୁଜଶ୍ରୀ' ଆତ୍ମହରା । ଅମାପ ତା'ର ଶକ୍ତି, ଅଦ୍ଭୁତ ତା'ର କାର୍ଯ୍ୟଶୈଳୀ । ଆମେ ତାକୁ ଧରି ରଖିବାକୁ ଚେଷ୍ଟା କରୁଛୁ ସାହିତ୍ୟ ସମ୍ଭାରରେ, ତୂଳୀ ଓ କାଳିରେ । ଏହି ଛୋଟ ପ୍ରୟାସ ବଡ଼ ସମ୍ଭାବନାକୁ ବାଟ କଢାଉ । ଶେଷରେ ଜଗତର ନାଥ ଜଗନ୍ନାଥଙ୍କ ପାଦତଳେ 'ସବୁଜଶ୍ରୀ'ର ଦୀର୍ଘାୟୁ କାମନା କରି ରହୁଛୁ ।

।। ଭାରତ ମାତା କୀ ଜୟ ।।

**ଶ୍ରୀଯୁକ୍ତ ହର ପ୍ରସାଦ ରାଜ**
ଆଚାର୍ଯ୍ୟ



## ପ୍ରଧାନ ଆଚାର୍ଯ୍ୟଙ୍କ କଲମରୁ.............

ଯେ କୌଣସି ରାଷ୍ଟ୍ରର ପ୍ରଗତିର ମାନଦଣ୍ଡ ଶିକ୍ଷା ଉପରେ ନିର୍ଭର କରେ । ଶିକ୍ଷାକୁ ସର୍ବାଧିକ ପ୍ରୋତ୍ସାହନ ହିଁ ରାଷ୍ଟ୍ରକୁ ସର୍ବାଧିକ ବିକଶିତ କରି ଗଢେ । ରାଷ୍ଟ୍ର ନିଜ ନାଗରିକଙ୍କ ମାନସିକ ଓ ବୌଦ୍ଧିକ ଜାଗୃତି ପାଇଁ ଗଢେ ଶିକ୍ଷାନୀତି । ଏହି ଶିକ୍ଷା ନୀତି ସାହାଯ୍ୟରେ ରାଷ୍ଟ୍ରରେ ଅନେକ ସୁଧାର ହୁଏ । ଏହି ସୁଧାର ଗୁଡ଼ିକୁ ବଜାୟ ରଖିବା ପାଇଁ ତଥା କାର୍ଯ୍ୟକାରୀ କରିବା ପାଇଁ ବିଭିନ୍ନ ଯୋଜନା ମାଧମରେ ପ୍ରଚେଷ୍ଟା ଜାରି ରହେ । ଲକ୍ଷ୍ୟ ଥାଏ ଉତ୍ତର ପୀଢୀକୁ ଉନ୍ନତ ମାନସିକ ତଥା ବୌଦ୍ଧିକ ବିକାଶ ଦିଗରେ ଆଗେଇ ନେବା ।

ଏ ଶିଶୁ ମନ୍ଦିରରେ ମୁଁ ଜଣେ ଆଚାର୍ଯ୍ୟ ରୂପେ ଭାବେ ଯୋଗ ଦେଇଥିଲି । ଆଚର୍ଯ୍ୟରୁ ପ୍ରଧାନ ଆଚାର୍ଯ୍ୟ ହେବା ପର୍ଯ୍ୟନ୍ତ ଅନେକ ଘାତ ପ୍ରତିଘାତ ଆସିଛି । ଈଶ୍ୱର ଓ ଶୁଭେଚ୍ଛୁମାନଙ୍କ ଆର୍ଶୀବାଦରୁ ମୁଁ ମୋର କାର୍ଯ୍ୟ ଆଚାର୍ଯ୍ୟ ଆଚାର୍ଯ୍ୟା, ସେବକ ସେବିକା ଓ ପରିଚାଳନା ସମିତିଙ୍କ ସହଯୋଗରେ ସୁଚାରୁ ରୂପେ ତୁଲାଇ ଆସିଛି ।  ଶିକ୍ଷା ବିକାଶ ସମିତିଙ୍କ ନୀତି ନିୟମ ଓ ନିର୍ଦ୍ଦେଶାବଳୀକୁ ଆମ ବିଦ୍ୟାଳୟ ଉପଯୁକ୍ତଭାବେ ପାଳନ କରେ । ଆଜିର ଏହି ୩୮ ତମ ବାର୍ଷିକ ଉତ୍ସବ ତଥା ପ୍ରତିଷ୍ଠା ଦିବସ ଅବସରରେ ମୁଁ ଆମ ବିଦ୍ୟାଳୟର ଅଭିଭାବକ, ଅଭିଭାବିକା, ପୂର୍ବ ଛାତ୍ରଛାତ୍ରୀ ପରିଚାଳନା ସମିତି ସଦସ୍ୟମାନଙ୍କର ସହଯୋଗ ତଥା ବିଦ୍ୟାଳୟ ବିକାଶରେ ଭାଗୀଦାର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରୁଛି ।

ସ୍ନେହର ଛାତ୍ରଛାତ୍ରୀଗଣ ପାଠପଢାରେ ପ୍ରବୀଣ ବା କମ୍ ହେବା ଏକ ଆପେକ୍ଷିକ ସ୍ଥିତି କିନ୍ତୁ ଅନ୍ତର୍ନିହିତ ଗୁଣକୁ ବିକାଶ କରାଇବା ଆମର ଲକ୍ଷ୍ୟ ଅଟେ । ଆମେ ସବୁ ଅମୃତର ସନ୍ତାନ ହୀନା ମାନ୍ୟତା ଏବଂ ଅହଂ ଭାବ ଠାରୁ ଦୂରରେ ରହି ଆମେ ଏକ ସୁଦୃଢ ଓ ସସତଭାରତ ଗଢିବାର ପ୍ରତିଜ୍ଞା ନେବା ।

ଆଜି ଆମର ପ୍ରତିକ୍ଷିତ ବାର୍ଷିକ ଉତ୍ସବ ଅବସରରେ ଉନ୍ମୋଚିତ ହେବାକୁ ଯାଉଛି ତୁମ ମାନଙ୍କର ସୃଜନଶୀଳତାର ନିଦର୍ଶନ ଆମ ବିଦ୍ୟାଳୟର ମୁଖପତ୍ର **"ସବୁଜଶ୍ରୀ"** ଏହି ଅବସରରେ ଏହାର ସଫଳ ରୂପାୟନ କରିଥିବା ସମସ୍ତ ସ୍ନେହର ଛାତ୍ରଛାତ୍ରୀ, ଆଚାର୍ଯ୍ୟ ଆଚାର୍ଯ୍ୟା, ପରିଚାଳନା ସମିତିର କାର୍ଯ୍ୟକର୍ତ୍ତା ଗଣ ଓ ସମସ୍ତ ଶୁଭେଚ୍ଛୁ ଙ୍କୁ ଅନେକ ଅଭିନନ୍ଦନ ଓ ଆନ୍ତରିକ ଶୁଭେଚ୍ଛା ।

। । ଭାରତ ମାତା କି ଜୟ । ।

**ଶ୍ରୀଯୁକ୍ତ ମନୋଜ କୁମାର ଦାଶ**

**ପ୍ରଧାନ ଆଚାର୍ଯ୍ୟ**

# ଆମ ଘୋଷ ଟିମ୍













# ବାର୍ଷିକ କ୍ରୀଡ଼ା





# ଓଡ଼ିଆ
# ବିଭାଗ

# ଗଜପତି ନରସିଂହ ଦେବ ପ୍ରଥମ

**ଶ୍ରୀମତୀ ବବିତା ପ୍ରିୟଦର୍ଶିନୀ ମହାପାତ୍ର**

**ଆଚାର୍ଯ୍ୟା, (ଓଡ଼ିଆ ବିଭାଗ)**

ଓଡ଼ିଶାର ଗଙ୍ଗ ବଂଶର ସାମ୍ରାଜ୍ୟ ପ୍ରତିଷ୍ଠା ଓ ରାଜତ୍ୱ ହେଉଛି ଅନେକ ରାଜନୈତିକ ଘଟଣାକ୍ରମର ସମାହାର । ସୋମବଂଶୀ ରାଜାମାନଙ୍କ ଦୁର୍ବଳ ଶାସନରେ ଅରାଜକତା ତଥା ରାଜନୈତିକ ଅଧୋପତନ ଦେଇ ଗତି କରୁଥିବା ତତ୍କାଳୀନ ଉତ୍କଳ କଳିଙ୍ଗ ସାମ୍ରାଜ୍ୟ ଅନ୍ତର୍ଭୁକ୍ତ ହେଲା ।

ଏହି କଳିଙ୍ଗ ସାମ୍ରାଜ୍ୟର ସଂସ୍ଥାପକ ଥବଲେ ଗଙ୍ଗବଂଶୀ ନରପତିଗଣ । ଦକ୍ଷିଣ ଭାରତରେ ଖ୍ରୀଷ୍ଟିୟ ଫଂଚମ ଶତାବ୍ଦୀ ବେଳକୁ ଗଙ୍ଗ ବଂଶର ଉତ୍ପତି ହୋଇଥିଲା । ଗଙ୍ଗବଂଶର ପରାକ୍ରମଶାଳୀ ଶାସକ ପ୍ରଥମ ଇନ୍ଦ୍ର ବର୍ମନ ନିଜକୁ ଶ୍ରୀକଳିଙ୍ଗାଧିପତି ଉପାଧିରେ ଭୂଷିତ କରି କଳିଙ୍ଗ ନଗରୀରେ ନିଜର ସାମ୍ରାଜ୍ୟ ସ୍ଥାପନ କରିଥିଲେ । ତତ୍କାଳୀନ କଳିଙ୍ଗ ନଗର ବର୍ତମାନର ଆନ୍ଧ୍ରପ୍ରଦେଶ 'ମୁଖଲିଙ୍ଗମ୍' ଅଟେ । ଏହି କଳିଙ୍ଗାଧିପତି ଗଙ୍ଗ ବଂଶର ଶାସକ ମାନଙ୍କର ଦୀର୍ଘ ଏକ ହଜାର ବର୍ଷର ଶାସନ କାଳରେ ସେମାନେ କଳିଙ୍ଗର ସୀମା ଆଗଙ୍ଗୀ ଗୋଦବରୀ ବିସ୍ତୃତ କରାଇପାରିଥିଲେ । ଖ୍ରୀଷ୍ଟୀୟ ୧୦୭୭ ବେଳକୁ ଅନନ୍ତ ବର୍ମନ ଚୋଡ଼ଗଙ୍ଗଦେବ ସୋମବଂଶୀ ଶାସକଙ୍କୁ ହରାଇ ଉତ୍କଳ ଅଧିକାର କଲେ । ପରବର୍ତୀ ସମୟରେ ଉତ୍କଳୀୟମାନେ ମଧ କଳିଙ୍ଗବାସୀ ଭାବରେ ନିଜକୁ ପରିଚୟ ଦେଇ ଗୌରବାନ୍ୱିତ ହେଲେ । କାରଣ ଥିଲା ଗଙ୍ଗବଂଶୀନରପତି ମାନଙ୍କ ସୁଶାସନ ତଥା ସଂସ୍କୃତିର ସୁରକ୍ଷା ଓ ଉତ୍ଥାନ ପାଇଁ ପ୍ରଚେଷ୍ଟା ।

ଓଡ଼ିଶା ଇତିହାସରେ ଗଙ୍ଗବଂଶୀ ରାଜାମାନଙ୍କ ଶାସନ ଏକ ଗୌରବମୟ ଅଧ୍ୟାୟ ସୃଷ୍ଟି କରିଥିଲା । ଏହି ବଂଶର ବିଶେଷତ୍ୱ ହେଉଛି, ମଧ ଯୁଗୀୟ ଭାରତର ଘୋର ଦୁର୍ଦ୍ଦିନ ସମୟରେ ଏହି ବଂଶର ଶାସକ ମାନେ ପରାକ୍ରମଶାଳୀ ହୋଇ ବିଭିନ୍ନ ରାଜ୍ୟ ଜୟ ସହିତ ହିନ୍ଦୁ, ଧର୍ମ, କଳା, ସ୍ଥାପତ୍ୟର ପୃଷ୍ଠପୋଷକତା କରି ଅସାଧାରଣ କୃତିତ୍ୱର ପରିଚୟ ଦେଇଥିଲେ । ଯେଉଁ ସମୟରେ ଉତର ପଶ୍ଚିମ ଓ ଦକ୍ଷିଣ ଭାରତର ହିନ୍ଦୁ ଧର୍ମ ଓ ସ୍ଥାପତ୍ୟ ଘୋର ଦୁର୍ଦ୍ଦିନ ଦେଇ ଗତି କରୁଥିଲା, ସେହି ସମୟରେ ଭାରତର ପୂର୍ବ ଉପକୂଳରେ ଗଙ୍ଗବଂଶୀ ଶାସକ ମାନେ ପୃଥିବୀ ପ୍ରସିଦ୍ଧ ଶ୍ରୀଜଗନ୍ନାଥ ମନ୍ଦିର ଓ କୋଣାର୍କର ସୂର୍ଯ୍ୟ ମନ୍ଦିର ନିର୍ମାଣ କରାଇଥିଲେ । ଭାରତରେ ହିନ୍ଦୁ ଧର୍ମ ଓ ସଂସ୍କୃତିର ଏକ ପ୍ରଧାନ ପୀଠ ଭାବରେ ତତ୍କାଳୀନ ଓଡ଼ିଶା ଉଲେଖନ୍ନୀୟ ସ୍ଥାନ ଅଧିକାର କରିଥିଲା ।

ଗଙ୍ଗବଂଶୀ ନରପତିମାନେ ଆପଣା ଉତ୍ପତିସ୍ଥଳ ମୁଖଲିଙ୍ଗମ୍ ଅଂଚଳକୁ କେବଳ ଗୁରୁତ୍ୱ ନ ଦେଇ ସମଗ୍ର କଳିଙ୍ଗ ସାମ୍ରାଜ୍ୟର ହିତ ସାଧନରେ ବ୍ରତୀ ଥିଲେ । ଉତରରେ ଗଙ୍ଗାନଦୀଠାରୁ ଦକ୍ଷିଣରେ ଗଙ୍ଗାନଦୀ ପର୍ଯ୍ୟନ୍ତ ବିସ୍ତୃତ ସମଗ୍ର କିଳିଙ୍ଗ ପ୍ରଦେଶରେ ବିଭିନ୍ନତା ଓ ବିଭେଧତା ମଧରେ ଏକତା ସ୍ଥାପନ କରି ଓଡ଼ିଶାକୁ ଗୌରବ ମଣ୍ଡିତ କରିବା ଗଙ୍ଗବଂଶୀ ଶାସକମାନଙ୍କର ପାରଦର୍ଶିତା ପ୍ରକାଶ କରିଥିଲା । ଏହି ନରପତି ମାନଙ୍କର ସାମ୍ରାଜ୍ୟ ବିସ୍ତାରରେ ଏମାନଙ୍କ ସେନା ବାହିନୀରେ ଥିବା ଓଡ଼ିଆ ଖଣ୍ଡାୟତ ବୀର ମାନଙ୍କର ଯଥେଷ୍ଟ ଅବଦାନ ଥିଲା ।

ବର୍ତମାନ ପଶ୍ଚିମବଙ୍ଗର ଯେଉଁ ହିନ୍ଦୁ ବହୁଳ ଅଂଚଳ ରହିଛି, ସେହି ଅଂଚଳ ହିନ୍ଦୁ ବହୁଳ ହେବା ପଛରେ ଖ୍ରୀଷ୍ଟୀୟ ୧୨୪୩ ରୁ ୧୨୪୫ ମଧରେ ଓଡ଼ିଶାର କଳିଙ୍ଗାଧିପତିଙ୍କ ଅଧିନରେ ଖଣ୍ଡାୟତ ବୀର ଓ ତୁର୍କ ମାନଙ୍କ ମଧରେ ସଂଘଟିତ ରକ୍ତାତ ସଂଘର୍ଷର ଇତିହାସ ରହିଛି । ଉପରୋକ୍ତ ୩ବର୍ଷ ମଧରେ ୨ଟି ବଡ଼ ଧରଣର ଯୁଦ୍ଧ ହୋଇଥିଲା ଯେଉଁଥିରେ ଓଡ଼ିଆ ଖଣ୍ଡାୟତମାନେ ପୂର୍ବ ଭାରତରେ ତୁର୍କ ଆକ୍ରମଣକୁ ପ୍ରତିହତ କରିବା ସହ ତୁର୍କମାନଙ୍କର ନରସଂହାର କରିଥିଲେ । ଏହି ଯୁଦ୍ଧ ପୂର୍ବ ଭାରତରେ ହିନ୍ଦୁତ୍ୱର ପରାକାଷ୍ଠା ବଜାୟ ରଖିବାର ପୃଷ୍ଟପୋଷକ ସାଜି ଏହି ଅଂଚଳର ଇତିହାସ ଧର୍ମ ଓ ସାମଜିକ ବ୍ୟବସ୍ଥାକୁ ନୂତନ ମୋଡ଼ ଦେଇଥିଲା ।

ଯେଉଁ ସମୟରେ ତୁର୍କମାନେ ଉତରପୂର୍ବ ବଙ୍ଗରେ ବଙ୍ଗଳା ଭାଷାଭାଷୀ ଶାସକଙ୍କୁ ସହଜରେ ଦମନ କରିପାରିଥିଲେ । ଠିକ୍ ସେହି ସମୟରେ ଦକ୍ଷିଣ ବଙ୍ଗରେ କଳିଙ୍ଗାଧିପତି ଗଜପତି ନରସିଂହଦେବ ପ୍ରଥମଙ୍କ ସୁଦୃଢ଼ ଶାସନ ତଥା ସାହସୀକତା ନିକଟରେ ହାର୍ ମାନିଥିଲେ । ଗଜପତି ୧ମ ନରସିଂହଦେବ (ଲାଙ୍ଗୁଡ଼ା ନରସିଂହ ଦେବ) ଥିଲେ କଳିଙ୍ଗାଧିପତି ୩ୟ ଅନଙ୍ଗଭୀମ ଦେବଙ୍କ ସୁଯୋଗ୍ୟ ଉତରାଧିକାରୀ । ପିତାଙ୍କ ମୃତ୍ୟୁପରେ ଖ୍ରୀଷ୍ଟୀୟ ୧୨୩୮ ମସିହାରେ ସେ କଳିଙ୍ଗ ଶାସନଭାର ଗ୍ରହଣ କଲେ । ସେ ତୁର୍କ ବିପଦକୁ ସମୁଳେନାଶ କରିଥିଲେ ।

୧୨୪୩ମସିହାରେ ଗଜପତି ନରସିଂହଦେବ ବଙ୍ଗ ଅକ୍ରମଣ କରି ତତ୍କାଳୀନ କଟାସିନ (ବର୍ତମାନ କୋଟାଇ) ଓ ମେଦିନାପୁରରେ ଗରିଲା ଯୁଦ୍ଧ କରି ତୁର୍କମାନଙ୍କର ସଂହାର କରିଥିଲେ । ତତ୍କାଳୀନ ବଙ୍ଗଳାର ଶାସକ ତୁଘା ଖାଁ ଜୀବନ ବଂଚାଇ ଦିଲ୍ଲୀ ପଳାୟନ କରିଥିଲେ । ପୁନରବାର ଖ୍ରୀଷ୍ଟୀୟ ୧୨୪୫ ମସିହା ବେଳକୁ ଉତରବଙ୍ଗର ପ୍ରାଣକେନ୍ଦ୍ର ଲକ୍ଷ୍ନୌଟି ଆକ୍ରମଣ କଲେ । ଏହି ଯୁଦ୍ଧରେ ସେ ବଙ୍ଗର ଶାସକ ତୁଘା ଖାଁ, ଅବଦ୍ଧର ଶାସକ କମୋରୁଦ୍ଦିନ ଖାଁ ଓ ପରମାଣିକପୁର

ଶାସକ କର୍କଷ ଖାନ୍ ୩ଜଣଙ୍କ ମିଳିତ ବାହିନୀକୁ ପରାସ୍ତ କରି ବିଜୟ ବୈଜୟନ୍ତୀ ଉଡ଼ାଇଥିଲେ । ଏହି ଯୁଦ୍ଧର ପ୍ରଭାବ ସମଗ୍ର ଭାରତରେ ପରିଲକ୍ଷିତ ହୋଇଥିଲା । କଥା ଅଛି ଏହି ଯୁଦ୍ଧରେ ଏତେ ସଂଖ୍ୟକ ତୁର୍କ ସୈନ୍ୟ ନୀହତ ହୋଇଥିଲେ ଯେ ସେମାନଙ୍କ ବିଧବା ବେଗମ୍ ମାନଙ୍କ ଆଖି ଲୁହର କଜଳରେ ଗଙ୍ଗା ନଦୀର ଜଳ କୃଷ୍ଣ ବର୍ଣ୍ଣ ଧାରଣ କରିଥିଲା । ୧୨୪୫ ମସିହା ମାର୍ଚ୍ଚ ୧୪ ତାରିଖରେ ସଂଘଠିତ ହୋଇଥିବା ଏହି ଯୁଦ୍ଧ ଦକ୍ଷିଣ ପଶ୍ଚିମ ଦିଗରେ ହିନ୍ଦୁମାନଙ୍କ ସ୍ଥିତିକୁ ସୁଦୃଢ଼ କରିଥିଲା । ଏହ ବିଶାଳ ଅଂଚଳରେ ତୁର୍କମାନଙ୍କର ନର ସଂହାର ହେବା ଯୋଗୁଁ ଏ ଅଂଚଳ ହିନ୍ଦୁ ବହୁଳ ଅଂଚଳ ହୋଇ ରହିଲା । ଯୁଦ୍ଧ ଜୟର ସ୍ମାରକୀ ସ୍ୱରୂପ ବଙ୍ଗର ଅଏହି ଅଂଚଳରେ ଥିବା ବିଭିନ୍ନ ଦୁର୍ଗରେ ଓଡ଼ିଆ ଖଣ୍ଡାୟତମାନେ ସ୍ଥାୟୀ ଭାବରେ ରହି ଶାସନ କରିବାକୁ ଲାଗିଲେ । ପରବର୍ତ୍ତୀ ସମୟରେ ସେମାନେ ବଙ୍ଗଳାଭାଷା ଓ ଚଳନୀକୁ ଆପଣାର କରି ନେଇ ଥିଲେ । ଏ ସମସ୍ତ ତଥ୍ୟ ଆଇନ୍ - ଇ - ଅକବରୀରେ ବର୍ଣ୍ଣିତ । ଏହାର ପରବର୍ତ୍ତୀ ସମୟରେ ପଶ୍ଚିମବଙ୍ଗ, ଓଡ଼ିଶା, ଛତିଶଗଡ଼, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଆଦି ରାଜ୍ୟର ହିନ୍ଦୁ ମାନେ ଏକ ନୂତନ ଯୁଗରେ ପଦାର୍ପଣ କଲେ । ଯାହା ଫଳରେ ଏହି ସ୍ଥାନମାନଙ୍କରେ ବିଭିନ୍ନ ମନ୍ଦିର, ମଠ, ସାହିତ୍ୟ ଓ ସଂସ୍କୃତିର ବିକାଶ ହେବାରେ ଲାଗିଲା । ଗଜପତି ଲାଙ୍ଗୁଡ଼ା ନରସିଂହଦେବ ବିଜୟ ସ୍ମାରକୀ ଭାବରେ ଚନ୍ଦ୍ରଭାଗା ନଦୀ ମୁହାଣରେ ନିଜ ଜନନୀ ଛାୟା ମହାଦେବୀଙ୍କ ସ୍ୱପ୍ନ ପୂରଣ ଉଦ୍ଦେଶ୍ୟରେ ବିଶ୍ୱର ସପ୍ତାଶ୍ଚର୍ଯ୍ୟ ମଧ୍ୟରୁ ଗୋଟିଏ ଭାବରେ ପରିଗଣିତ କୋଣାର୍କର ସୂର୍ଯ୍ୟ ମନ୍ଦିର ଗଢାଇଥିଲେ । ଦୀର୍ଘ ୨୬ ବର୍ଷ କଳିଙ୍ଗରେ ସୁଶାସନ ପ୍ରତିଷ୍ଠା କରି ଖ୍ରୀଷ୍ଟୀୟ ୧୨୬୪ ମସିହାରେ ଗଜପତି ୧ମ ନରସିଂହଦେବ ଇହଲୋକ ତ୍ୟାଗ କଲେ ।



◆◆◆

## ଆସ୍ଥା

**ନାମ - ସଂକେତ କୁମାର ସାହୁ**
**ଶ୍ରେଣୀ - ଦଶମ**

ଅତୁଟ ବନ୍ଧନ ଆମର ରେ ଭାଇ,
ଅସମର୍ଥ ନୋହୁଁ ଜିତିବାର ପାଇଁ ।
ଆରମ୍ଭ ଏହି ତ ଜୀବନ ସଂଗ୍ରାମ,
ଆସ ଭାଇମାନେ ଦୃଢ଼ କରି ମନ ।
ଆମ୍ଭକୁ ନ କର ପରିହାସ ମୂଢ଼
ଆଉ ଥରକୁ ତ ହୋଇବୁ ସୁଦୃଢ଼ ।
ଈଶ୍ୱରଙ୍କୁ ଡ଼ାକି ନେବାର ଶପଥ,
ସେହି ଏକା ନିଶ୍ଚେ ଦେଖାଇବେ ପଥ ।
ଉଡ଼ି ଉଡ଼ାଇବା ବିଜୟ କେତନ
ଉଡ଼ିବା ପାଇଁରେ ଦୃଢ଼ କର ମନ ।
ଏଡ଼ାଇ ଚାଲିବା ଚାଲିବା ସବୁ ବିଘ୍ନ ବାଧା
ଏଡ଼ାଇ ନ ଦେଇ କିଛି ସ୍ନେହଶ୍ରଦ୍ଧା ।
କରନ୍ତି କାର୍ଯ୍ୟ ତ ସଭିଏଁ ହୋଇ ଏକ ମନ
କାର୍ଯ୍ୟ ପାଇଁ ଅଭ୍ୟାସ ହିଁ ଅଟେ ପ୍ରୟୋଜନ ।
ଖଳ ପ୍ରକୃତିର ଲୋକ ହିଁ କେବେ ଚାହାନ୍ତି ନାହିଁ
ଖଗ ପରି ଆମ୍ଭେ ଗଗନେ କାହିଁ ଉଡ଼ିବା ପାଇଁ ।

***



## ମାନବ ଶକ୍ତି

**ନାମ - ତପନ କୁମାର ଦାସ**
**ସେବକ**

ମାନବ ହେଉଛି ଈଶ୍ୱରଙ୍କ ଏକ ବିଚିତ୍ର ସୃଷ୍ଟି । ସବୁ ମଣିଷଙ୍କ ଭିତରେ ଈଶ୍ୱରଙ୍କ ସତା ବିଦ୍ୟମାନ । ମଣିଷ ତାର ଅନ୍ତରଆତ୍ମାର ସାହଯ୍ୟରେ ସେହି ସତାକୁ ଚିହ୍ନି କାର୍ଯ୍ୟରେ ଲଗାଇଲେ ତାର ଆତ୍ମଜ୍ଞାନର ବିକାଶ ହୁଏ ଓ ସେ ଯେଉଁ ପରିବେଶରେ ରହୁଛି ସେହି ପରିବେଶ ଉଜ୍ଜ୍ୱଳ ହୁଏ । ଯାହା ଫଳରେ ମାନବର ଜ୍ଞାନର ବିକାଶ ହୁଏ । ବିକଶିତ ଜ୍ଞାନ ବଳରେ ମଣିଷ ସମାଜ ଓ ଦେଶର ଗୌରବ ବଢ଼ାଇବାରେ ବ୍ରତୀ ହୁଏ ।

।। ଜୟ ହିନ୍ଦ୍ ।।

***

## ଯେବେ ବସନ୍ତ ଆସେ.........

ନାମ- ଶ୍ରୀମତୀ ବିଷ୍ଣୁପ୍ରିୟା ଷଡଙ୍ଗୀ
(ଆଚାର୍ଯ୍ୟା)

ବସନ୍ତ ଆସିଛି ବାସ ମହକୁଛି
କୋଇଲି ଡ଼ାକୁଛି କୁହୁ
ଆମ୍ବ ବଉଳର ବାସ ଚହଟୁଛି
ବହୁଛି ମଳୟ ବାୟୁ ।

ନାଲି ନେଳି ରଙ୍ଗେ ଫୁଲ ଫୁଟୁଅଛି
ସୁନ୍ଦର ଦିଶୁଛି ଧରା ।
ଫଗୁଣ ମାସର ଶୋଭା ପ୍ରକାଶୁଛି
ଅଳପ ଅଳପ ଖରା ।

ଦୋଳ ବିମାନରେ ରାଧା ଗୋବିନ୍ଦଙ୍କ
ଦାଣ୍ଡ ଭୋଗଖିଆ ନୀତି
ରଙ୍ଗ ଅବିରରେ ଖେଳୁଥାନ୍ତି ହୋଲି
ବଢେ ସମାଜରେ ପ୍ରୀତି ।

କଅଁଳ ପତର ଆହା କି ସୁନ୍ଦର
ମଖମଲ ପରି ଦିଶେ
ପାହାନ୍ତି ସମୟ ଅତି ଶୋଭାମୟ
ଖିଲିଖିଲି ହୋଇ ହସେ ।

କାକ, ପିକ, ଶୁକ ଶାରୀଙ୍କ ସହିତ
ହଳଦୀ ବସନ୍ତ ମିଶି
ସକାଳ ସଞ୍ଜରେ ଆମ୍ବଗଛ ଡ଼ାଳେ
ବାଂଟି ଦେଉଛନ୍ତି ଖୁସି

ଦୋଳ ମେଲଣର ଘଂଟ, ଝାଞ୍ଜ, ନାଦ
ରହି ରହି ଟିକେ ଶୁଭେ
ରାଧା ଗୋବିନ୍ଦଙ୍କ ଚରଣେ ଆଶ୍ରୟ
ନେବା ପାଇଁ ମନ ଜାଗେ ।

ହୃଦୟ ବୀଣାରେ ତାଙ୍କରି ଅମୃତ
ନାମ ଗୁଞ୍ଜରିତ ହେଉ
ନାମ ମକରନ୍ଦ ପାନ କରି ପ୍ରାଣ
ମୋର ଶେଷ ହୋଇ ଯାଉ ।

***

## ସପନ

ନାମ- ସାଇକୃପା ସାହୁ
ଶ୍ରେଣୀ - ଦଶମ

ସପନ ଦେଖିଲି ବଗୁଲୀ ସାଙ୍ଗରେ
ଗପ କରୁଛନ୍ତି ମାଛ,
ବଇଁଶୀ ବଜେଇ ବିଲେଇ ନାନୀଟି
କହୁଚି ମୂଷାଙ୍କୁ ନାଚ ।

ବାଘର ପିଠିରେ କଅଁଳାଛେଳିଟି
ଖୁସିରେ ହୋଇଛି ଲାଉ
କାଉ ଓ କୋଇଲି କହୁଛନ୍ତି ମିଶି
କରିବେନି କଳି ଆଉ ।

ହସୁଛି ନେଉଳ କହୁଛି ସଭିଙ୍କୁ
ଆଜି ଠୁ ସାପ ମୋ ସାଥି
କୁକୁର ସାଙ୍ଗରେ ଗଛରୁ ଓହ୍ଲାଇ
ଖେଳ ଖେଳୁଅଛି ପାତି ।

ଠେକୁଆମାନଙ୍କୁ ଡ଼ାକୁଅଛି ସିଂହ
ଆସ ମୋ ସାଥିରେ ଖେଳ
ତାଜୁବ୍ ହୋଇକି ଦେଖୁଥିଲି ମୁହିଁ
ବନେ ପଶୁଙ୍କର ମେଳ ।

ନିଦ ମୋ ଭାଙ୍ଗିଲା ଭାବିଲି ସତରେ
ସରଗ ହୋଇବ ଧରା
ଅହିଂସା ପାଇଁକି ସଂସାରଟି ହେବ
ସୁଖ ସମ୍ପଦରେ ଭରା ।



***

# ସ୍ୱଚ୍ଛତା

ନାମ- ଶୁଭଶ୍ରୀ ପୋଦ୍ଦାର
ଶ୍ରେଣୀ - ସପ୍ତମ

ସ୍ୱଚ୍ଛତା ଅଟଇ ଲକ୍ଷ୍ମୀଙ୍କ ନିବାସ,
ତା ମଧ୍ୟେ ଅଛନ୍ତି ପ୍ରଭୁ ହୃଷୀକେଶ ।
ସବୁସ୍ଥାନେ ଯଦି ରହିବ ସ୍ୱଚ୍ଛତା,
ଅନୁଭବ ହେବ ସଦା ପବିତ୍ରତା ।।

ଅନ୍ତରରେ ରହୁ ସ୍ୱଚ୍ଛତାର ଭାବ,
ସଭିଙ୍କ ଉପରେ ପଡ଼ିବ ପ୍ରଭାବ ।
ସ୍ୱଚ୍ଛତା ପଥରେ ଥିଲେ ଯେ ଗାନ୍ଧିଜୀ,
ତା'ପରେ ଆସିଲେ ନରେନ୍ଦ୍ର ମୋଦିଜୀ ।।

ଋଷି ମୁନିଙ୍କର ଆମର ଏ ଦେଶ,
ସ୍ୱଚ୍ଛତା ରହିଲେ ହୋଇବ ବିକାଶ ।
ଜାଗ୍ରତ ଭାବନା ରହୁ ସଭିଙ୍କର,
ସ୍ୱଚ୍ଛ ରହୁ ସଦା ଆମ ପରିବାର ।।

ସ୍ୱଚ୍ଛ ଭାବ ଦେଖି ପ୍ରଭୁ ନାରାୟଣ,
ବାଛିନେଲେ ତାଙ୍କ ନିଜ ବାସସ୍ଥାନ
ସ୍ୱର୍ଗ ପରି ହେଉ ଆମର ଏ ଦେଶ,
କାହା ମନେ କିଛି ନ ରହୁ ବା କ୍ଲେଶ ।।



***

# ଯା ମାଡ଼ି ଯା

ନାମ- ଅରମାନ୍ ଷଡ଼ଙ୍ଗୀ
ଶ୍ରେଣୀ - ସପ୍ତମ

ବାଟ ତୋର ଏ ଯାଏଁ ସରିନି
କେମିତି ତୁ ପଡ଼ିଗଲୁ ଥକି ?
ଏବେ ବି ତୁ ସମର୍ଥ, ସକ୍ଷମ
ନିଜ ବଳ ପାରୁନୁ କି ଦେଖି ?
ବାଧାବିଘ୍ନ ଜୀବନର ଅଂଶ
କେମିତି ତୁ ଫାଙ୍କି ଯିବୁ ତାକୁ
ଲଂଘିବା ତୋ ଆମରଣ ଧର୍ମ
ଆସିନୁ ତୁ ପ୍ରମାଦି ହେବାକୁ ।।
କର୍ତ୍ତବ୍ୟକୁ କେତେ ଟାଳୁଥିବୁ
ଜପି ଜପି ଦିନ ରାତି ମାଳା,
ଚାହୁଁ ଚାହୁଁ ପୂରିଯିବ କାଳ
ଚାଲିଯିବୁ ଜାକି ତୋ ବୁଜୁଳା ।।
ବାହାନାରେ ପୂରିବନି ପେଟ,
ଅଯୋଗ୍ୟ ତୁ ହେବୁ ପ୍ରମାଣିତ,
ସେବେ ଆଉ ନ ଥିବ ସୁଯୋଗ,
କରିବାକୁ ଯୋଗ୍ୟତା ତୋ ସିଦ୍ଧ ।।
ସାଇତି ନେ ଯେତେ ସବୁ କ୍ଷତ,
ମିଳୁଛି ଯା ସମର ଭୂଇଁରେ,
ଅସ୍ତ୍ରତ୍ୟାଗ, ନପୁଂସକପଣ,
କ୍ଷତ ଠୁ ବି ଯନ୍ତ୍ରଣାଦାୟୀ ରେ ।।
ବେଶି କିଛି ଭାବିବାରେ ଆଉ
ବେଳ ଏବେ କରନାରେ କ୍ଷୟ,
ମୁଠାରୁ ତୋ ଖସେ ସରୁବାଲି,
ଏବେ ହିଁ ତୁ ହୋଇଯା ସକ୍ରିୟ ।।
ହାର୍ ଜିତ୍ ଛାଡ଼ିଦେ ତା ହାତେ,
ନିଜ ହାତେ ବାନ୍ଧି କର୍ମ ବ୍ରତ
ଲିଭେଇଦେ ମିଛ ଭାଗ୍ୟରେଖା,
ପ୍ରୟାସ ତୋ ହେଉ ଆଜି ସତ ।।
ଉଠ ଉଠ ଏ ମୁହୂର୍ତ୍ତ ହି ତୋ
ଶୁଭାରମ୍ଭେ ଅମୃତର ବେଳା,
ସଫଳତା ହସେ ତୋତେ ଚାହିଁ
ତା ଆଡ଼କୁ ବେଗେ ପାଦ ଚଳା ।।

***

# ଓଡ଼ିଶାର ବିଚ୍ଛିନ୍ନାଚଂଳର ଦୁଃଖ

ନାମ- ଓମ୍ ପ୍ରକାଶ ମିଶ୍ର
ଶ୍ରେଣୀ - ଦଶମ

ଓଡ଼ିଶାର ବିଚ୍ଛିନାଚଂଳ ଆଜି କାନ୍ଦୁଛି । ଓଡ଼ିଆ ମାନଙ୍କର ଭାଷା ଆଜି ମୃତ୍ୟୁ ସଙ୍କଟର ସମ୍ମୁଖୀନ । ସେମାନଙ୍କର ସଂସ୍କୃତି ଆତ୍ମରକ୍ଷା ପାଇଁ ସଂଗ୍ରାମରତ । ଝାଡ଼ଖଣ୍ଡର ଓଡ଼ିଆ, ଲକ୍ଷ୍ମୀପୁରାଣ ଓ ଭାଗବତକୁ ହିନ୍ଦୀ ଲିପିରେ ଛପାଇ ଘରେ ଘରେ ପାଠ କରୁଛି । ଛତିଶଗଡ଼ର ଓଡ଼ିଆ ଚାଟଶାଳୀରେ ଚାନ୍ଦା ଆଦାୟ କରି ଓଡ଼ିଆ ଶିକ୍ଷକଙ୍କୁ ସ୍ୱଳ୍ପ ପାରିଶ୍ରମିକ ଦେଇ ନିଜ ଭାଷା ଶିକ୍ଷା କରୁଛନ୍ତି । ଆନ୍ଧ୍ରରେ ଓଡ଼ିଆମାନେ ମଞ୍ଜୁଷାକୁ ମାଣ୍ଡାସା, ସୋମପେଣ୍ଠକୁ ସୋମ୍ପେଟା, ଜଳନ୍ତରକୁ ଜାଲାନ୍ତକୋଟ ନାମରେ ଡ଼ାକିବାକୁ ବାଧ ହେଉଛନ୍ତି । ଗଜପତି, ନବରଙ୍ଗପୁର, ବ୍ରହ୍ମପୁର ଓ ରାୟଗଡ଼ା ଜିଲ୍ଲାରେ ଓଡ଼ିଆମାନେ ତେଲୁଗୁ ମିଶ୍ରିତ ଓଡ଼ିଆ କହୁଛନ୍ତି । ବିଚ୍ଛିନ୍ନାଚଂଳର ଲୋକେ ଆଖଡ଼ା, ସଂକୀର୍ତନ, ଯାତ୍ରା, ସୁଆଙ୍ଗ, ରାମଲୀଳା ଓ ପର୍ବପର୍ବାଣୀ ପାଇଁ କୌଣସି ସରକାରୀ ସାହାଯ୍ୟ ତ ଦୂରର କଥା, ପ୍ରୋତ୍ସାହନ ଟିକିଏ ପାଉ ନାହାନ୍ତି । ମାତୃଭାଷା ଓଡ଼ିଆ ଥିବା ଜନସଂଖ୍ୟା ଦ୍ରୁତ ହ୍ରାସ ହେବାରେ ଲାଗିଛି । ଓଡ଼ିଆ ଭାଷା ଓ ସଂସ୍କୃତି ଆତ୍ମରକ୍ଷା ପାଇଁ ପରିବାର ପରିସର ମଧ୍ୟରେ ଆତ୍ମଗୋପନ କରିବାକୁ ବାଧ ହେଉଛି ।




୧୯୩୬ ମସିହା ଏପ୍ରିଲ୍ ୧ ତାରିଖରେ ଓଡ଼ିଶା ୧୧ତମ ଭାଷାଭିତିକ ରାଜ୍ୟ ରୂପେ ୧୩ଟି ଜିଲ୍ଲାକୁ ନେଇ ଗଠିତ ହୋଇଥିଲା । ମାତ୍ର ଓଡ଼ିଶାର ଏକତ୍ରୀକରଣ ଓ ସୁରକ୍ଷା ତଥା ଭାଷା ସୁରକ୍ଷା ଆନ୍ଦୋଳନ ବେଳେ ପଡ଼ୋଶୀ ରାଜ୍ୟ ସରକାର ଓ ଅନ୍ୟ ଭାଷାଭାଷୀ ରାଜ୍ୟମାନେ ଓଡ଼ିଶା ରାଜ୍ୟ ଗଠନ ପାଇଁ ଆଦୌ ସହାନୁଭୂତିଶୀଳ ନ ଥିଲେ । ନିରପେକ୍ଷ ବ୍ରିଟିଶ ସରକାର ମଧୁବାବୁ, ଗୋପବନ୍ଧୁ ଆଦି ବ୍ୟକ୍ତିତ୍ୱଙ୍କ ନିକଟରେ ମଥାନତ କରିଥିଲେ ସୁଦ୍ଧା ସ୍ୱତନ୍ତ୍ର ରାଜ୍ୟ ଗଠନ ବେଳକୁ ଏମାନେ ଇହଧାମ ତ୍ୟାଗ କରିଥିଲେ । ଫଳତଃ ବିଚ୍ଛିନ୍ନାଚଂଳର ଜନ ସାଧାରଣ ସମ୍ପୂର୍ଣ୍ଣ ସଂଗଠିତ ହୋଇ ଆନ୍ଦୋଳନକୁ ଆଗେଇ ନେବାକୁ ନେତୃତ୍ୱ ସଙ୍କଟର ସମ୍ମୁଖୀନ ହୋଇଥିଲେ । ଜୟପାଳ ସିଂ ମୁଣ୍ଡାଙ୍କ ଭଳି ନେତା ଓଡ଼ିଶା ସହ ମିଶ୍ରଣର ପ୍ରତିରୋଧ କରିବାରେ ସକ୍ଷମ ହୋଇଥିଲେ । ଫଳତଃ ଯେଉଁ ଓଡ଼ିଆ ଭାଷାଭାଷୀ ଅଂଚଳ ଓଡ଼ିଶା ସହିତ ମିଶି ପାରିଲା ନାହିଁ ସେ ଗୁଡ଼ିକ ମଧ୍ୟରେ ମାନ୍ଦ୍ରାସ ରାଜ୍ୟରେ ରହିଲା ସୋମପେଣ୍ଠ, ବୁଦାର, ଜଳନ୍ତର, ମଞ୍ଜୁଷା, ତରଳା, ଟିକାଲି, ବିଶାଖାପାଟଣା, ଉଦ୍ୟାନଖଣ୍ଡ ଓ ଇଚ୍ଛାପୁର ସମେତ ଅଂଚଳ । ମଧ୍ୟପ୍ରଦେଶରେ ରହିଗଲା ଫୁଲଝର, ବିନ୍ଦ୍ରା, ନୂଆଗଡ଼, ଚନ୍ଦ୍ରପୁର, ବସ୍ତର, ରାୟଗଡ଼, ସାରଙ୍ଗଗଡ଼ ଆଦି ଅନେକ ଓଡ଼ିଆ ଅଧ୍ୟୁଷିତ ଅଂଚଳ । ବିହାର ବା ବର୍ତମାନର ଝାଡ଼ଖଣ୍ଡରେ ରହିଗଲା ସିଂହଭୂମି, ଷଢେଇକଳା, ଖରସୁଆଁ, ପୋଡ଼ାହାଟ ଇତ୍ୟାଦି । ସେହିପରି ପଶ୍ଚିମବଙ୍ଗରେ ରହିଛି ମେଦିନୀପୁର, ଖଡ଼ଗପୁର, ଝାଡ଼ଗ୍ରାମ, ନନ୍ଦୀଗ୍ରାମ, ଦାନ୍ତୁନ୍ ଓ ତମଲୁକ ଆଦି ଅଂଚଳ । ଝାଡ଼ଖଣ୍ଡରେ ଅନ୍ୟୁନ ୪୦ ଲକ୍ଷ, ଛତିଶଗଡ଼ରେ ୩୦ଲକ୍ଷ, ଆନ୍ଧ୍ରରେ ପ୍ରାୟ ୧୫ଲକ୍ଷ ଓ ପଶ୍ଚିମବଙ୍ଗରେ ପ୍ରାୟ ୨୦ ଲକ୍ଷ ହେବ, ଅର୍ଥାତ୍ ପ୍ରାୟ ୧ କୋଟିରୁ ଉର୍ଦ୍ଧ୍ୱ ଓଡ଼ିଆ ବିଚ୍ଛିନ୍ନାଂଚଳରେ ଅଧିବାସୀ ହୋଇ ରହିଯାଇଛନ୍ତି ।

ଝାଡ଼ଖଣ୍ଡ ରାଜ୍ୟର ଦୃଷ୍ଟାନ୍ତ ନିଆଯାଉ । ଏଠାରେ ଏବେ ମଧ ପ୍ରାୟ ୪୦ଲକ୍ଷ ଓଡ଼ିଆ ବଂଶୋଦ୍ଭବ ରହିଛନ୍ତି । ମାତ୍ର ୨୦୨୩ ମସିହାରେ ଝାଡ଼ଖଣ୍ଡ ସରକାରଙ୍କ ଗଣଶିକ୍ଷା ବିଭାଗ ଶିକ୍ଷକ ପ୍ରଶିକ୍ଷଣ ପାଇଁ ବିଭିନ୍ନ ଭାଷାରୁ ଶିକ୍ଷକ ମନୋନୟନ ବେଳେ ଓଡ଼ିଆ ଶିକ୍ଷକଙ୍କୁ ବାଦ୍ ଦେଇଛନ୍ତି । ଆଶ୍ଚର୍ଯ୍ୟର କଥା ଏହି ଯେ କେତେକ ଲିପିହୀନ ଭାଷା ଯଥା ନାଗପୁରୀ, କୁରୁମାଳି, ଖାଡ଼ିଆ, କୁରୁଖ ଓ ପଂଚ ପ୍ରଗଣିଆ ଭାଷାର ଶିକ୍ଷକଙ୍କୁ ଏହି ମନୋନୟନରେ ସାମିଲ କରିଛନ୍ତି । କେବଳ ସେତିକି ନୁହେଁ; ବର୍ଷ ବର୍ଷ ଧରି ବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ଆଦିରେ ଖାଲି ପଡ଼ୁଥିବା ଓଡ଼ିଆ ଶିକ୍ଷକ ପଦ ଦଶନ୍ଧି ଦଶନ୍ଧି ଧରି ଖାଲି ପଡ଼ୁଛି । ଓଡ଼ିଆ ଭାଷା ଶିକ୍ଷା ମଧ ବିଦ୍ୟାଳୟ ସ୍ତରରେ ବାଧ୍ୟତାମୂଳକ ନ ହୋଇ ଇଚ୍ଛାଧୀନ ହୋଇଯାଇଛି । ୨୦୧୧ ମସିହାରେ ଝାଡ଼ଖଣ୍ଡ ସରକାର ୧୬ଟି ଭାଷା ଓ ଉପଭାଷାକୁ ଦ୍ୱିତୀୟ ସରକାରୀ ଭାଷାର ମାନ୍ୟତା ଦେଇଥିଲେ, କିନ୍ତୁ ୨୦୨୩ ମସିହାରେ ଏନ୍.ସି.ଟିଇ ଏକ ବିଜ୍ଞପ୍ତି ମାଧମରେ ଓଡ଼ିଆ ଭାଷାକୁ ଉଚ୍ଛେଦ କରିଦେଲେ । ସରକାରଙ୍କ ତରଫରୁ ପ୍ରକାଶିତ ଜନଗଣନା ରିପୋର୍ଟରେ ମଧ ଏହି ବିଚ୍ଛିନ୍ନାଚଂଳରେ ଓଡ଼ିଆମାନଙ୍କୁ ବହୁ ନଗଣ୍ୟ ବୋଲି ପ୍ରଦର୍ଶିତ କରାଗଲା ।

ଶ୍ରୀ ଜଗନ୍ନାଥଙ୍କ ଦେଶ ନିଜର ଅସ୍ତିତ୍ୱ ଓ ସ୍ଥିତି ରକ୍ଷା କରି ବିକାଶ ପଥରେ ଅଗ୍ରସର । କିନ୍ତୁ ବିଚ୍ଛିନ୍ନାଚଂଳର ଭାଷା

ଓ ସଂସ୍କୃତି ଆଜି ଅସ୍ତିତ୍ୱ ପାଇଁ ସଂଗ୍ରାମରତ । ଏହା ଅତ୍ୟନ୍ତ ଦୁଃଖର ବିଷୟ । ଯେଉଁ ଜାମସେଦପୁର, ମଞ୍ଜୁଷା, ଓ ଚକ୍ରଧରପୁର ଉତ୍କଳ ସମ୍ମିଳନୀ ଆୟୋଜନ କରିଥିଲା, ତାହା ବର୍ତ୍ତମାନ ପଡ଼ୋଶୀ ରାଜ୍ୟର । ଯେଉଁ ଟିକାଲିରେ ସ୍ୱୟଂ ଜଗନ୍ନାଥଙ୍କୁ ଲୁଚାଇ ରଖାଯାଇଥିଲା, ତାହା ଆଜି ପଡ଼ୋଶୀ ରାଜ୍ୟର ସୀମାରେ ରହିଛି । ଯେଉଁ ତାମ୍ରଲିପି ବନ୍ଦର ହୁଏନ୍‌ସାଂଙ୍କ ବିବରଣୀରେ ସମଗ୍ର ଏସିଆର ପ୍ରମୁଖ ବନ୍ଦର ଥିଲା, ତାହା ଏବେ ଓଡ଼ିଶାର ନୁହେଁ । ଯେଉଁ ଦନ୍ତପୁର ଓ କଳିଙ୍ଗପାଟଣା କଳିଙ୍ଗର ରାଜଧାନୀରେ ଅନ୍ତର୍ଭୁକ୍ତ ଥିଲା ତାହା ଓଡ଼ିଶାର ଅଂଶ ହୋଇ ରହିପାରିଲା ନାହିଁ । ଯେଉଁ ଷଢେଇକଳାର ମିଶ୍ରଣ ପାଇଁ ତିନି ତିନି ଜଣ ଛାତ୍ର (ବେଙ୍ଗପଣିଆ, ସୁନୀଲ ଦେ, ଓ ହରିହର) ସହିଦ୍ ହୋଇଥିଲେ, ସେହି ଷଢେଇକଳା ଆଜି ଓଡ଼ିଆ ଅସ୍ତିତ୍ୱ ରକ୍ଷା ପାଇଁ ବୁକୁ ଫଟାଇ କାନ୍ଦୁଛି । ଯେଉଁ ଜଳନ୍ତର ଗାଁ ଦାଣ୍ଡ ରାଜା ରାମକୃଷ୍ଣ ଛୋଟରାୟଙ୍କ ରଚିତ ଓଡ଼ିଆ ନାଟକରେ ନିୟମିତ କୋଳାହଳମୟ ହେଉଥିଲା, ସେଠାରେ ଆଜି ତେଲେଗୁ ଭାଷାର ଫଳକ ଗ୍ରାମର ଶୋଭା ବର୍ଦ୍ଧନ କରୁଛି । ଛତିଶଗଡ଼, ଆନ୍ଧ୍ର, ଓ ପଶ୍ଚିମବଙ୍ଗରେ ଓଡ଼ିଆ ପରିସ୍ଥିତି ସମ୍ପର୍କରେ ଆଲୋଚନା ନ କରିବା ହିଁ ଭଲ । ସେଠାରେ ସରକାର ଓଡ଼ିଆ ଭାଷାଭାଷୀଙ୍କ ପ୍ରତି ବିଦ୍ୱେଷ ଓ ହିଂସାତ୍ମକ ମନୋଭାବ ପୋଷଣ କରୁଛନ୍ତି ।

ବିଚ୍ଛିନ୍ନାଂଚଳର ଏ ପୁଞ୍ଜୀଭୂତ ବେଦନା ମାନବ ଅଧିକାରର ପ୍ରଶ୍ନବାଚୀ ସୃଷ୍ଟି କରେ । ଏଥିପାଇଁ ସରକାର, ବେସରକାରୀ ଅନୁଷ୍ଠାନ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱତଃସ୍ଫୂର୍ତ୍ତ ଭାବେ ଅଭିନବ ଯୋଜନା ପ୍ରଣୟନ କରି ସମ୍ବିଧାନର ୩୦ ଧାରା ଅନୁସାରେ ପ୍ରତ୍ୟେକ ସଂଖ୍ୟାଲଘୁ ବିଦ୍ୟାଳୟକୁ ସରକାର ସମ୍ମାନଭାବେ ସାହାଯ୍ୟ କରିବା ଆବଶ୍ୟକ, ମାତ୍ର ଉତ୍କଳମଣି ଉଚ୍ଚ ବିଦ୍ୟାଳୟ ଖଡ଼ଗପୁର, ସିଦୁକାନ୍ହୁ ଉଚ୍ଚ ବିଦ୍ୟାଳୟ, ଗଙ୍ଗାଧର ମେହେର ଉଚ୍ଚ ବିଦ୍ୟାଳୟ ଭଳି ଅନେକ ଓଡ଼ିଆ ସ୍କୁଲ ଆର୍ଥିକ ଅସହାୟତାର ଶିକାର ହେଉଛନ୍ତି । ଯଦି ଓଡ଼ିଆ ଜାତିର ନିଦ୍ରାଭଗ୍ନ ନ ହୁଏ, ତେବେ ପରିଣାମ ସ୍ୱରୂପ ଓଡ଼ିଆ ଭାଷା ମୃତ୍ୟୁ ସଙ୍କଟରେ ପଡ଼ି ମାଗଧୀ, ପ୍ରାକୃତ, ପୈଶାଚି, ପାଲି, ସୁରସେନୀ ଆଦି ଭାଷା ପରି ଇତିହାସର ଅଳନ୍ଧୁ ତଳେ କବର ପାଇଯିବ ।

।। ବନ୍ଦେ ଉତ୍କଳ ଜନନୀ ।।

***

# ବାଲ ଶିବିରର ଅନୁଭୂତି

ନାମ- ସୌରଭ ରଂଜନ କର
ଶ୍ରେଣୀ - ଷଷ୍ଠ

ନଭେମ୍ବର ମାସର ଶୀତୁଆ ସକାଳ, ତା୩୦/ ୧୧/ ୨୦୨୪ରିଖି । ଆମ ବିଦ୍ୟାଳୟରେ ସେ ଦିନ ପାଳିତ ହେଉଥାଏ ବାଲ ଶିବିର । ସକାଳୁ ସକାଳୁ ଖୁବ୍ ଥଣ୍ଡା ପଡ଼ିଥାଏ । ନିର୍ଦ୍ଧାରିତ ସମୟ ପୂର୍ବରୁ ଆମେ ସବୁ ସାଙ୍ଗ ସାଥୀ ବିଦ୍ୟାଳୟରେ ପହଂଚିଯାଇଥିଲୁ । ସେ ଦିନ ସମ୍ପୂର୍ଣ୍ଣ ଦିନଟି ଆମର ବିଦ୍ୟାଳୟରେ କଟିଥିଲା । ସକାଳୁ ସକାଳୁ ବିଦ୍ୟାଳୟ ପ୍ରବେଶ ଦ୍ୱାରରେ ବଡ଼ ଶ୍ରେଣୀର ଭାଇ ଭଉଣୀ ଓ ଗୁରୁମା ଆମକୁ ପାଛୋଟି ନେଇଥିଲେ । ସକାଳ ୮ଟାରେ ଆମେ ସ୍କୁଲ ପଡ଼ିଆରେ ଯୋଗାଭ୍ୟାସ କରିଥିଲୁ । ଯୋଗର ପ୍ରତିଟି କ୍ରିୟାକଳାପ ଗୁରୁଜୀ ଆମକୁ ଗୋଟି ଗୋଟି କରି କହି ଦେଉଥାନ୍ତି । ଯୋଗାଭ୍ୟାସ ଶେଷରେ ଗୁରୁଜୀ କହିଲେ କେବଳ ଆଜି ଦିନ ନୁହେଁ ତୁମେ ମାନେ ଘରେ ନିୟମିତ ଯୋଗାଭ୍ୟାସ କରିବ । ଏହାଦ୍ୱାରା ଦେହ ଓ ମନ ସୁସ୍ଥ ରହିବ ।

ଏହାପରେ ଆମେ ସ୍କୁଲରେ ଜଳପାନ କରିଥିଲୁ । ତାପରେ ସବୁ ସାଙ୍ଗମାନେ ଏକାଠି ହୋଇ ବନ୍ୟପ୍ରାଣୀ ସଂରକ୍ଷଣ ପ୍ରକଳ୍ପ ଆରମ୍ଭ କରିଥିଲୁ । ଅତିଥିମାନେ ଆମ ପ୍ରକଳ୍ପ ପରିଦର୍ଶନ କରିଥିଲେ । ଦ୍ୱିପ୍ରହର ସମୟରେ ଆମ ବିଦ୍ୟାଳୟରେ ଭୋଜି ଭାତ ଆୟୋଜନ ହୋଇଥିଲା । ଆମେ ସବୁ ସାଙ୍ଗ ସାଥୀ ଏକାଠି ଖିଆପିଆ କରିଥିଲୁ । ଏହାପରେ ଆମେ ସବୁ ସାଙ୍ଗସାଥୀ କବାଡି ଖେଳିଥିଲୁ । ଖେଳରେ ହାରଜିତ୍ ନିୟମ ଥିଲେ ବି, ଆମ ହସମଜା ଖେଳରେ ସବୁ ନିୟମ ଭୁଲି ଯାଇଥିଲୁ ।

ଅପରାହ୍ଣରେ ପ୍ରାର୍ଥନା ମଣ୍ଡପରେ ହସମଜା ଅଭିନୟ, ନାଚଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମ ଶେଷ ପର୍ବରେ ଗୁରୁଜୀ ସେଦିନ ପ୍ରକଳ୍ପର ବିଜେତାଙ୍କ ନାମ ଘୋଷଣା କରିଥିଲେ । ସେ ଦିନ ଯୋଗ ଦେଇଥିବା ଆମ ସବୁ ସାଙ୍ଗ ସାଥୀ ମାନଙ୍କୁ ଗୁରୁଜୀ ସୁନ୍ଦର ସୁନ୍ଦର ଉପହାର ମାନ ଦେଇଥିଲେ । ଏହି ଦିନଟି ଆମ ପାଇଁ ଖୁବ ଆନନ୍ଦ ଦାୟକ ଥିଲା । ବହୁତ ନୂଆ ନୂଆ କଥା ଜାଣି ହେଲା ଓ ଶିଖି ହେଲା । ଏହି ଦିନଟି ମୋ ପାଇଁ ଏକ ସ୍ମରଣୀୟ ଦିନ ହୋଇ ରହିବ ।

***

# ସାହିତ୍ୟ ପ୍ରବନ୍ଧ

ନାମ- ଶ୍ରୀମତୀ ରଶ୍ମୀରାଣୀ ଷଡ଼ଙ୍ଗୀ
(ଆଚାର୍ଯ୍ୟା, ଓଡ଼ିଆ ବିଭାଗ)

ଓଡ଼ିଆ ଭାଷା ଏକ ଜୀବନ୍ତ ଭାଷା । ଜୀବନ୍ତ ଭାଷାର ଲକ୍ଷଣ ମୁଖ୍ୟତଃ ତ୍ରିବିଧ - ଏହା ସାମାଜିକ ଆଚରଣରେ ପ୍ରକାଶ, ଭାବ ଓ ଉଚ୍ଛ୍ୱାସର ଧାରକ, ସୌନ୍ଦର୍ଯ୍ୟ ଓ ସଂବେଦର ମାଧ୍ୟମ । ଓଡ଼ିଆ ଭାଷାରେ ଏହି ଲକ୍ଷଣ ତ୍ରୟ ସାହିତ୍ୟ ସୂତ୍ରରେ ଗଦ୍ୟ ବନ୍ଧନରେ ସବିଶେଷ ପରିଲକ୍ଷିତ । ଓଡ଼ିଆ ଭାଷା ଯଦି ଆଧୁନିକ ଓ ଉନ୍ନତ ତେବେ ତାହା ଭାଷାର ଗଦ୍ୟ ସଂପଦର ଅଭିବୃଦ୍ଧି ହେତୁ ସମ୍ଭବ ହୋଇଛି । ସାମାଜିକ ପ୍ରୟୋଜନ ଓ ଆଚରଣର ସମସ୍ତ ଅଂଶ ଆଜି ଗଦ୍ୟଶୈଳୀରେ ସ୍ୱଚ୍ଛନ୍ଦ ରୂପେ ବ୍ୟକ୍ତ ହୋଇପାରୁଛି ।

ବିଚାର ଓ ସଜ୍ଜିକରଣ ପଦ୍ଧତିରେ ଗଦ୍ୟର ବିଭିନ୍ନ ବିଭାଗ ରହିଛି । ସେଗୁଡ଼ିକ ମଧ୍ୟରେ ଅନୁବାଦ ସାହିତ୍ୟ, ଶିଶୁ ସାହିତ୍ୟ, ଗଳ୍ପ, ଉପନ୍ୟାସ, ଜୀବନୀ, ଅଲୋଚନା ଓ ପ୍ରବନ୍ଧ ଇତ୍ୟାଦି ପ୍ରତିଧରଣର ଲେଖା ଅନୂଦିତ ଗ୍ରନ୍ଥଦ୍ୱାରା ପରିପୁଷ୍ଟ ହୋଇପାରିଛି ।

ଗଦ୍ୟ ସାହିତ୍ୟରେ ପ୍ରବନ୍ଧର ସ୍ଥାନ ବହୁ ଉଚ୍ଚ । ପ୍ରବନ୍ଧର ବନ୍ଧନରେ ସାହିତ୍ୟ ସୃଷ୍ଟିର ସବୁ ବିଭାଗ ଆଜି ଗ୍ରଥିତ ଓ ନିୟନ୍ତ୍ରିତ । ଏହି ଗ୍ରଥମ ନିୟନ୍ତ୍ରଣ ବ୍ୟତୀତ ପ୍ରବନ୍ଧର ସ୍ୱତନ୍ତ୍ର ଏକ ରୂପ ଅଛି ଯାହା ତତ୍ୱପରି, ଅନୁଶୀଳନ, ବ୍ୟାଖ୍ୟାନ ସାପେକ୍ଷ ଓ ଗଳ୍ପପରି ମୁଖପାଠ୍ୟ

ଓଡ଼ିଆ ପ୍ରବନ୍ଧକୁ ସ୍ଥୂଳତଃ ଦୁଇ ଭାଗରେ ବିଭକ୍ତ କରାଯାଇପାରେ - ସାହିତ୍ୟ ଆଲୋଚନାତ୍ମକ ପ୍ରବନ୍ଧ ଓ ସମାଜ ରାଜନୀତିକ ପ୍ରବନ୍ଧ । ପ୍ରଥମ ବିଭାଗରେ ବ୍ୟବହାରିକ ଜୀବନର ସକଳ ଆଲୋଚନାତ୍ମକ ଲେଖା ପରିଗର୍ଭିତ । ପ୍ରଥମ ଶ୍ରେଣୀର ପ୍ରବନ୍ଧ ଚିତ୍ ସମ୍ଭୂତ, ଦ୍ୱିତୀୟ ଶ୍ରେଣୀର ପ୍ରବନ୍ଧ ପ୍ରୟୋଜନ ଘଟିତ ।

ଅଧିକାଂଶ ପ୍ରାବନ୍ଧିକ ପ୍ରବନ୍ଧକୁ ସାଧାରଣତଃ ମନ୍ମୟ ବା ବ୍ୟକ୍ତିନିଷ୍ଠ ପ୍ରବନ୍ଧ ଏବଂ ତନ୍ମୟ ବାବସ୍ତୁନିଷ୍ଠ ପ୍ରବନ୍ଧ ଏହିପରି ଦୁଇଭାଗରେ ବିଭକ୍ତ କରିଥାନ୍ତି, ନିଜସ୍ୱ ଶୈଳୀରେ, ନିଜସ୍ୱ ଢଙ୍ଗରେ ।

ତନ୍ମୟ ବାବସ୍ତୁନିଷ୍ଠ ପ୍ରବନ୍ଧକୁ ସାଧାରଣତଃ ଛଅ ଭାଗରେ ବିଭକ୍ତ କରାଯାଇଥାଏ ଯଥା ବର୍ଣ୍ଣନାତ୍ମକ ପ୍ରବନ୍ଧ, ବିବରଣାତ୍ମକ ପ୍ରବନ୍ଧ, ତତ୍ୱବିଚାରମୂଳକ ପ୍ରବନ୍ଧ, ଭାବାତ୍ମକ ପ୍ରବନ୍ଧ, ଚିନ୍ତାତ୍ମକ ବା ବିବେଚନାତ୍ମକ ପ୍ରବନ୍ଧ ଏବଂ ତଥ୍ୟାତ୍ମକ ପ୍ରବନ୍ଧ ।

ପ୍ରବନ୍ଧରେ କୌଣସି ପ୍ରାକୃତିକ ପରିବେଶ, ସ୍ଥାନ, ପର୍ବପର୍ବାଣି, ଦର୍ଶନୀୟ ସ୍ଥାନ, ଆକର୍ଷଣୀୟ ଦୃଶ୍ୟପଟ ସ୍ଥାନ ପାଇଥିଲେ ତାହାକୁ ବର୍ଣ୍ଣନାତ୍ମକ ପ୍ରବନ୍ଧ କୁହାଯାଏ । ସେହିପରି ଇତିହାସ ଘଟଣା, ସମସାମୟିକ ଘଟଣା, ପ୍ରସିଦ୍ଧ ବ୍ୟକ୍ତିବିଶେଷଙ୍କ ଜୀବନୀ, ରାଷ୍ଟ୍ର, ସମାଜ, ବିଜ୍ଞାନ ଆଦିର ବିଶ୍ଳେଷଣ କରାଯାଇଥିଲେ ତାହାକୁ ବିବରଣାତ୍ମକ ପ୍ରବନ୍ଧ କୁହାଯାଏ । ଯୁକ୍ତିମୂଳକ ବା ତତ୍ୱମୂଳକ ପ୍ରବନ୍ଧକୁ ତତ୍ୱବିଚାରମୂଳକ ପ୍ରବନ୍ଧ କୁହାଯାଏ । ଏଥିରେ ବହୁ ଗୁଡ଼ିଏ ତଥ୍ୟ ସଂଗ୍ରହ କରି ସେଗୁଡ଼ିକୁ ଯୁକ୍ତି ମୂଳକ ଭାବରେ ବିଶ୍ଳେଷଣ କରିବାକୁ ପଡ଼ିଥାଏ । ସେହିପରି ଭାବାତ୍ମକ ପ୍ରବନ୍ଧ ରଚନା କରିବା ପାଇଁ ସୁଚିନ୍ତିତ ଭାବନା ତଥା ମୁତୀକ୍ଷଣ ମେଧା ଆବଶ୍ୟକ ହୋଇଥାଏ । ଏହା ବ୍ୟତୀତ ଏଥିରେ ବୌଦ୍ଧିକତା, ଯୁକ୍ତିନିଷ୍ଠତା ରହିଲେ ମଧ୍ୟ ଲେଖକଙ୍କର ସହାନୁଭୂତି ଶୀଳତା ଅଧିକ ରହିଥାଏ । ଏହି ପ୍ରବନ୍ଧଗୁଡ଼ିକ ସାଧାରଣତଃ ସର୍ଜନଶୀଳ ହୋଇଥାଏ । ସେହିପରି ଚିନ୍ତାତ୍ମକ ବା ବିବେଚନାତ୍ମକ ପ୍ରବନ୍ଧରେ ପ୍ରାବନ୍ଧିକ ଯେକୌଣସି ଏକ ନିର୍ଦ୍ଦିଷ୍ଟ ବିଷୟକୁ ଅବଲମ୍ବନ କରି ନିଜର ସ୍ୱାଧୀନ ଚିନ୍ତା ବ୍ୟକ୍ତ କରିଥାନ୍ତି । ତଥ୍ୟାତ୍ମକ ପ୍ରବନ୍ଧରେ ମୁଖ୍ୟତଃ ତଥ୍ୟ ପ୍ରଦାନ କରାଯାଇଥାଏ । ଏଥିରେ ପ୍ରାବନ୍ଧିକ ଯୁକ୍ତିନିଷ୍ଠ ଭାବରେ ତଥ୍ୟକୁ ଉପସ୍ଥାପନ କରିଥାନ୍ତି ।

ପ୍ରବନ୍ଧ ସାହିତ୍ୟରେ ଗୁରୁଲଘୁ ଶବ୍ଦର ପ୍ରୟୋଗ ଠିକ୍ ଢଙ୍ଗରେ ହେବା ଉଚିତ୍ । ଏହି ଶବ୍ଦ ଚୟନ ଓ ପ୍ରୟୋଗରୁ ପ୍ରାବନ୍ଧିକଙ୍କର ଯୋଗ୍ୟତା ବାରି ହୁଏ । ଭାଷା ଗୁରୁ ହୋଇବି ପ୍ରବନ୍ଧକୁ ବୋଧଗମ୍ୟ କରାଯିବା ନିତାନ୍ତ ଆବଶ୍ୟକ । ତଥ୍ୟ ସହିତ ଲେଖା ସର୍ବଦା ଯୁକ୍ତି ସମ୍ମତ ହେବା ଉଚିତ୍ । ଆବୁରୁଜାବୁରୁ ଲେଖାଲେଖି କେବଳ ଭାବ ପ୍ରବଣତା ପର୍ଯ୍ୟବେଷିତ ଲେଖାରେ ପାଠକକୁ ଅନ୍ଧକାର ମଧ୍ୟରେ ରଖିବା ଅନୁଚିତ୍ । ତଥ୍ୟ ପ୍ରବନ୍ଧର ପ୍ରାଣ । ଭାବ ପ୍ରବଣତା ପାଠକକୁ ଅଧିକ ରୋଚକ କରେ । ପ୍ରବନ୍ଧରେ ଗବେଷଣା ଅଛି, ଭରି ରହିଛି ଜ୍ଞାନର ଭଣ୍ଡାର । ଅଧିକାଂଶ ଭାବେ ଏହା ନୀରସ ଏବଂ ସାରା ସଂସାର ଏଥିରେ ବାନ୍ଧି ହୋଇ ରହିଛି ।

ପ୍ରବନ୍ଧ ସାହିତ୍ୟରେ ଅନୁଚ୍ଛେଦ ଓ ପରିଚ୍ଛେଦର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହାର ସଠିକ ପ୍ରୟୋଗ ଦ୍ୱାରା ପାଠକଙ୍କ ପଠନର ଅନୁକୂଳ ହୋଇଥାଏ ।

ଯୁଗେ ଯୁଗେ ପ୍ରବନ୍ଧ, ସାହିତ୍ୟର ଏକ ଶ୍ରେଷ୍ଠ ବିଭାଗ ଗଦ୍ୟର ସର୍ବଶ୍ରେଷ୍ଠ ସୃଷ୍ଟି ନିବନ୍ଧ ଓ ପ୍ରବନ୍ଧର ସାମଗ୍ରିକ ସୃଷ୍ଟି ଦିଗନ୍ତ ବିସ୍ତାରୀ । ପ୍ରବନ୍ଧ ସାହିତ୍ୟର ଶ୍ରେଷ୍ଠତ୍ୱ ପୃଥିବୀର ସମସ୍ତ ସାହିତ୍ୟରେ ପରିଦୃଷ୍ଟ । ପ୍ରବନ୍ଧିକ ସର୍ବଦା ବିଜ୍ଞ ଓ ସାହିତ୍ୟ ଜଗତର ଅଗ୍ରପୂଜ୍ୟ ବ୍ୟକ୍ତି । ସେ ସାହିତ୍ୟର ଅନ୍ୟବିଭାଗ ଗୁଡ଼ିକର ଦିଗ୍‌ଦର୍ଶକ ।



***

# ମହାକାଶଚାରୀ ସୁନିତା ଉଇଲିୟମ

ନାମ- ମନୋଜ କୁମାର ସାହୁ
(ବିଜ୍ଞାନ ଆଚାର୍ଯ୍ୟ)

ସେଦିନ ଥାଏ ୨୦୨୫ ମସିହା ମାର୍ଚ୍ଚ ମାସ ୧୯ ତାରିଖ ତମସାଚ୍ଛନ୍ନ ନିର୍ମଳ ଆକାଶରୁ ତଳକୁ ଖସୁଥାଏ ଏକ ଜ୍ୱଳନ୍ତ ପିଣ୍ଡ । ଆକାଶରେ କିଛି ସମୟ ପାଇଁ ଅପ୍ରାକୃତିକ ପ୍ରକାଶ ଅନୁଭବ ହେବା ପରେ TV ରେ ଦେଖିବାକୁ ମିଳେ ଦୁଇଟି ପାରାଚୁଟ୍‌ରେ ଝୁଲିଥିବା ଏକ ସ୍ପେସ ସଟଲ । ଏହି ସ୍ପେସ୍ ସଟଲର ନାମ ଥିଲା Space X Dragun । ଏଥିରେ ପୃଥିବୀ ପୃଷ୍ଠକୁ ଫେରୁଥିଲେ ଭାରତୀୟ ବଂଶୋଦ୍ଭବ ସୁନିତା ଉଇଲିୟମ୍ ଓ ଅନ୍ୟ ତିନି ଜଣ ମହାକାଶଚାରୀ ।

ସୁନିତା ଉଇଲିୟମ ୧୯୬୫ ମସିହା ସେପ୍ଟେମ୍ବର ୧୯ ତାରିଖରେ USA ର ଓହିଓ ରାଜ୍ୟର ୟୁକ୍ଲିଡ୍ ସହରରେ ଜନ୍ମ ଗ୍ରହଣ କରିଥିଲେ । ବାପାଙ୍କ ନାମ ଦିପକ ପାଣ୍ଡେ ଓ ମା'ଙ୍କ ନାମ ଉର୍ଗୁଲିନ ବୋନି ପାଣ୍ଡେ । ବାପା ଥିଲେ ଜଣେ ଭାରତୀୟ ଯେ କି ଗୁଜୁରାଟର ମେହସାନ ଜିଲ୍ଲା ଅନ୍ତର୍ଗତ ଝୁଲାସାନ ଗ୍ରାମର ଅଧିବାସୀ ଓ ମା ଜଣେ ଆମେରିକୀୟ । ସୁନିତାଙ୍କୁ ପିଲାଦିନେ ସମସ୍ତେ ଶ୍ରଦ୍ଧାରେ ସୁନି ଡ଼ାକୁଥିଲେ । ସୁନିଙ୍କ ବାପା ସ୍ୱାସ୍ଥ୍ୟ ବିଭାଗର ଜଣେ ପ୍ରତିଷ୍ଠିତ ଡ଼ାକ୍ତର ଥିଲେ । ସେ ମାସାଚୁଟ୍‌ର ଫାଲମୋଥ ସହରରେ କାର୍ଯ୍ୟ କରୁଥିବା ବେଳେ ବୋନିଙ୍କ ସହ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ । ଦୁଇଟି କନ୍ୟା ସନ୍ତାନ ଓ ଗୋଟିଏ ପୁତ୍ର ସନ୍ତାନକୁ ଜନ୍ମ ଦେଇ ନିଜର ପିତୃତ୍ୱକୁ ସାକାର କରି ପାରିଥିଲେ । ଭାଇ ଭଉଣୀମାନଙ୍କ ମଧରେ ସୁନି ସର୍ବ କନିଷ୍ଠା ଥିଲେ ।

୧୯୮୩ ମସିହାରେ ବିଦ୍ୟାଳୟ ଶିକ୍ଷା ସମାପ୍ତି ପରେ ୧୯୮୭ ମସିହାରେ ପଦାର୍ଥ ବିଜ୍ଞାନରେ Naval Academy ରୁ Bachelor Degree ଓ ପରେ Florida Institute of Technology ରୁ Master Degree ଲାଭ କରିଥିଲେ । ୧୯୮୭ ମସିହାରେ USA Navy ର Naval Coastal System Command ରେ ପରିଚାଳିକା ରୂପେ କାର୍ଯ୍ୟ ନିର୍ବାହ କରିବା ପରେ Naval Air Training Command ଅଧିନରେ ଏକ Naval Aviator ଭାବରେ ପ୍ରଶିକ୍ଷଣ ନେଇଥିଲେ । USA Navy ରେ ହେଲିକ୍ୟାପ୍ଟର ପାଇଲଟ ରୂପେ କାର୍ଯ୍ୟ କରି ଅନେକ ପ୍ରକାରର ହେଲିକ୍ୟାପ୍ଟର ଉଡ଼ାଣର ଦକ୍ଷତା ଅର୍ଜନ କରିବା ପରେ ୧୯୯୫ ମସିହାରେ Naval Test Piolt ସ୍କୁଲରେ ଜଣେ ଦକ୍ଷ ପ୍ରଶିକ୍ଷିକା ରୂପେ କାର୍ଯ୍ୟ କରୁଥିଲେ । ୧୯୮୭ ମସିହାରେ US Navy ରେ କାର୍ଯ୍ୟ କରୁଥିବା ବେଳେ ସିନିୟର ପାଇଲଟ ରୂପେ କାର୍ଯ୍ୟ କରୁଥିବା ମାଇକେଲ ଜେ. ଉଇଲିୟମ ସହ ତାଙ୍କର ବନ୍ଧୁତା ଅଧିକ ଘନିଷ୍ଠ ହୁଏ ଓ ପରେ ବୈଦିକ ରିତିନୀତିରେ ମାଇକେଲଙ୍କୁ ବିବାହ କରନ୍ତି । ସୁନିତା କୌଣସି ସନ୍ତାନର ଜନନୀ ହେବାର ସଫଳତା ପାଇ ନ ଥିଲେ ମଧ ପଶୁ ପକ୍ଷୀଙ୍କୁ ନିଜର ସନ୍ତାନ ପରି ସ୍ନେହ କରୁଥିଲେ । କାରଣ, ଛୁଆଟି ଦିନରୁ ଜଣେ ପଶୁ ଚିକିତ୍ସକ ହେବାର ଲକ୍ଷ୍ୟ ଧାର୍ଯ୍ୟ କରିଥିବା ସାଧକଟି ସମୟ ସ୍ରୋତରେ ନିଜ ଭାଇଙ୍କ ଦ୍ୱାରା ଅନୁପ୍ରାଣୀତ ହୋଇ Naval Institute ରେ ନିଜକୁ ଶିକ୍ଷାର୍ଥିନୀ ରୂପେ ଗଢି ତୋଳିଥିଲେ ।

୨୦୧୭ ମସିହାରେ US Navy ରୁ କ୍ୟାପ୍ଟେନ୍ ରୂପେ ଅବସର ନେବା ପୂର୍ବରୁ ସୁନି ୧୯୯୮ ମସିହାରେ ସ୍ୱାମୀଙ୍କ ପ୍ରେରଣାରେ NASA ର ମହାକାଶ ଚାରୀ ପରୀକ୍ଷା ଦେଇ ସଫଳତା ସହ ଚୟନିତ ହୋଇଥିଲେ ।

US Navy ରୁ ଅବସର ନେବା ପୂର୍ବରୁ Johson Space Centreରେ ୧୯୯୮ରୁ ମହାକାଶ ଚାରୀ ହେବା ପାଇଁ ପ୍ରଶିକ୍ଷଣ ନେଉଥିଲେ । ୨୦୦୬ ମସିହା ଡ଼ିସେମ୍ବର ୯ ତାରିଖରେ ସେ International Space Station (ISS) ର STS-116 ସ୍ପେସ ସଟଲ ରେ Crew Member ରୂପେ ଯୋଗ ଦେଇଥିଲେ ।

ଏହି ସମୟରେ ସେ Expedition-14 ଓ Expedition-15 ରେ ଯଥାକ୍ରମେ ୨୦୦୬ ମସିହା ଓ ୨୦୦୭ ମସିହାରେ ମୋଟରେ ୧୯୫ ଦିନ ପାଇଁ ସ୍ପେସ ସଟଲରେ କାର୍ଯ୍ୟ କରିବା ପାଇଁ ସୁଯୋଗ ପ୍ରାପ୍ତ କରିଥିଲେ ।

୨୦୧୨ମସିହାରେ ଦ୍ୱିତୀୟ ଥର ପାଇଁ ସ୍ପେସକୁ ଯିବାର ସୁଯୋଗ ପାଇ ଦ୍ୱିତୀୟ ମହିଳା ମହାକାଶ ଚାରୀ ହେବାର ଗୌରବ ଅର୍ଜ୍ଜନ କରିଥିଲେ ।



ଏପରି Expedition - 32, Expedition - 33ରେ ସେ ମହାକାଶକୁ ଯାଇ ଛଅ ଘଂଟା ଚାଳିଶ ମିନିଟ ପାଇଁ Space walk କରିବାରେ ଖ୍ୟାତି ଅର୍ଜନ କରିଛନ୍ତି । ୨୦୧୨ ମସିହାରେ ଚାରି ମାସ ରହିବାର ସୁଯୋଗ ପ୍ରାପ୍ତ କରିଥିଲେ ।

୨୦୧୫ ମସିହାରେ ସୁନି Commercial Space Flights ପାଇଁ ପ୍ରଥମ ମହିଳା ପ୍ରଶିକ୍ଷିକା ରୂପେ ଚୟନ ହୋଇଥିଲେ । ୨୦୧୮ ମସିହାରେ Starliner - 1 ର ପ୍ରଥମ ମହିଳା ପରିଚାଳିକାର କାର୍ଯ୍ୟ ନିର୍ବାହ ପୂର୍ବକ ଅନେକ ମହାକାଶଚାରୀଙ୍କର ପଥ ପ୍ରଦର୍ଶକ ସାଜିଥିଲେ । ସୁନିତା ଉଇଲିୟମ ବିଦେଶ ମାଟିରେ ଜନ୍ମ ହୋଇଥିଲେ ମଧ ଜଣେ ସଚ୍ଚା ହିନ୍ଦୁ ଓ ଇଶ୍ୱର ବିଶ୍ୱାସୀ । ଏପରିକି ତାଙ୍କର ପ୍ରତିଟି ମହାକାଶ ଭ୍ରମଣ ସମୟରେ ସେ ଶ୍ରୀମଦ ଭଗବତ୍ ଗୀତା, ସୃଷ୍ଟିର ଆଦ୍ୟ ଧ୍ୱନୀ ଓଁ ର ପ୍ରତୀକ ଓ ଶ୍ରୀ ଗଣେଶଙ୍କ ଫଟୋ ଚିତ୍ରକୁ ସାଙ୍ଗରେ ନେବା ପାଇଁ ଭୁଲି ଯାଉ ନ ଥିଲେ ।

ମହାକାଶଚାରୀଗଣ ଅକ୍ଷତ ଅବସ୍ଥାରେ ଧରାପୃଷ୍ଠରେ ପହଂଚିବା ପାଇଁ ସମଗ୍ର ପୃଥିବୀ ବାସୀ ଅପେକ୍ଷା କରିଥିବା ବେଳେ ଭାରତୀୟମାନେ ହୋମ ଯଜ୍ଞର ଆୟୋଜନ କରିବା ସହ ଅହୋରାତ୍ର ହନୁମାନ ଚାଳିଶାର ପାଠ କରିଥିଲେ । ତେବେ ଭଗବାନ ସମସ୍ତଙ୍କ ଡ଼ାକ ଶୁଣିଛନ୍ତି ଓ ସେମାନଙ୍କୁ ସୁରକ୍ଷିତ ଭାବେ ପୃଥିବୀକୁ ଫେରାଇ ଆଣିଛନ୍ତି ।

ଭଗବାନ, ସୁସ୍ଥ ସୁଦୀର୍ଘ ଜୀବନ ସେମାନଙ୍କୁ ପ୍ରଦାନ କରନ୍ତୁ ଏହା ପ୍ରଭୁଙ୍କ ଶ୍ରୀପାଦରେ ମୋର ବିନମ୍ର ପ୍ରାର୍ଥନା ।

***

# ଫିଲ୍ଡ ମାର୍ଶଲ ସାମ ମାନେକ ସେ

ନାମ-ସତ୍ୟ ଶଙ୍କର ସାମଲ
ଶ୍ରେଣୀ - ଦଶମ

"ଯଦି ଏକ ସୈନିକ କୁହେ ଯେ ସେ ମୃତ୍ୟୁକୁ ଡ଼ରେ ନାହି ତେବେ ସେ ମିଛ କହୁଛି କିମ୍ୱା ଗୋରଖା ରେଜିମେଂଟରେ ସୈନିକ ଭାବରେ କାର୍ଯ୍ୟ କରୁଛି ।"

(ସାମ ମାନେକସେ ।)

ସେ ତା୦୩.୦୪୧୯୧୪ରିଖରେ ପଞ୍ଜାବର ଅମୃତସରଠାରେ ଜନ୍ମ ଗ୍ରହଣ କରିଥବଲେ । ତାଙ୍କ ପିତା ଏଚ.ମାନେକସୋବ୍ରିଟିଶ ଆର୍ମିରେ ଏକ ସୈନିକ ଥିଲେ ଏବଂ ମାତା ହିଲା ମାନେକସୋ ଆର୍ମି ମେଡ଼ିକାଲ କେରରେ ନର୍ସ ଥିଲେ । ସେ ୧୯୩୪ ମସିହାରେ ଭାରତୀୟ ସେନାର ପ୍ରବେଶିକା ପରୀକ୍ଷା ଦେଇଥିଲେ ।

ଦୀର୍ଘ ୫୫ବର୍ଷର ସୈନିକ ଜୀବନରେ ସେ ଭାରତ ଭୂମିର ସୁରକ୍ଷା ନିମନ୍ତେ ଅନେକ ଯୁଦ୍ଧର ନେତୃତ୍ୱ ନେଇଥିଲେ । ଇଣ୍ଡୋ- ଚାଇନା-ଓ୍ୱାର, ଇଣ୍ଡୋ-ତିବେତାନ୍ ଓ୍ୱାର, ଇଣ୍ଡୋ-ପାକ୍ ଓ୍ୱାର ର କର୍ଣ୍ଣଧାର ଥିଲେ । ୧୯୭୫ରେ ସଂଗଠିତ ଇଣ୍ଡୋ-ପାକ୍ ଓ୍ୱାର ର ପ୍ରଭାବ ପାକିସ୍ଥାନ ସୀମା ନିକଟସ୍ଥ କିଛି ଅଂଚଳରେ ଭାରତୀୟ ସେନା କବ୍‌ଜା କରିଥିଲା । ଯୁଦ୍ଧର ପରିଣାମ ସ୍ୱରୂପ ବାଂଲାଦେଶ ନାମକ ଏକ ନୂତନ ରାଷ୍ଟ୍ର ଗଠନ ହୋଇପାରିଥିଲା । ପାକିସ୍ତାନର ସେନା ବାହିନୀ ଯୁଦ୍ଧରେ ହାରିଥିବା କାରଣରୁ ପ୍ରାୟ ୯୦୦୦୦ ପାକିସ୍ତାନି ସୈନିକ ଆର୍ମି କମାଣ୍ଡର ସାମ୍‌ଙ୍କ ନିକଟରେ ଆତ୍ମ ସମର୍ପଣ କରିଥିଲେ । ଭାରତୀୟ ସେନା ବିଜୟୀ ହୋଇଥିବାରୁ ତାଙ୍କୁ ମିଲିଟାରୀ କ୍ରସ୍ ଏବଂ ପଦ୍ମ ବିଭୁଷଣ ପୁରସ୍କାରରେ ସମ୍ମାନିତ କରାଯାଇଥିଲା ।



ଫିଲ୍ଡ ମାର୍ଶାଲ ର୍‍ୟାଙ୍କ୍ ପ୍ରାପ୍ତ ହୋଇଥିବା କାରଣରୁ ତାଙ୍କୁ ଆଜୀବନ ଭାରତୀୟ ସେନାରେ କାର୍ଯ୍ୟ କରିବାର ସୌଭାଗ୍ୟ ମିଳିଥିଲା । ବାର୍ଦ୍ଧକ୍ୟରେ ଉପନୀତ ହୋଇ ମଧ ସେନା ବାହିନୀର କ୍ୟାମ୍ପରେ ରହି ସେନାର ନେତୃତ୍ୱ ନେଉଥିଲେ । ତା୨୭.୦୬.୨୦୦୮ରିଖ ଦିନ ତାଙ୍କର ମୃତ୍ୟୁ ଘଟିଥିଲା । ବାସ୍ତବରେ ଭାରତ ଭୂମିରେ ଏଭଳି ବୀରପୁତ୍ର ଜନ୍ମ ଗ୍ରହଣ କରିଛନ୍ତି ଯେ, ସେମାନେ ମୃତ୍ୟୁକୁ ଖାତିରି ନ କରି ରାଷ୍ଟ୍ରପାଇଁ ନିଜର ସର୍ବସ୍ୱ ତ୍ୟାଗ କରିଛନ୍ତି । ସେଭଳି ବୀରପୁତ୍ର ଚୀର ନମସ୍ୟ ।

***

# ଆତ୍ମଜ୍ଞାନ (ନିୟତି)

ନାମ- ନିର୍ମଳ ଚନ୍ଦ୍ର ମିଶ୍ର
(ଆଚାର୍ଯ୍ୟ)

ନିୟତି ଏକ ସମୟର ଗତି । ମନୁଷ୍ୟ କର୍ମ କରିଥାଏ । ଫଳ ପାଇବା ପାଇଁ ବଡ଼ ଆଶା ରଖିଥାଏ । କିନ୍ତୁ ବେଳେ ବେଳେ ଆଶା ଅନୁସାରେ ଫଳ ଲାଭ କରିପାରେ ନାହିଁ । ସେହି ସମୟରେ ନିୟତିର ଗତି ପ୍ରକାରେ ଥାଏ । ଇଂରାଜୀରେ ଏକ **Proverb** ଅଛି **'Man purposes, God disposes'** । ଭାଗ୍ୟ ଓ ପରିଶ୍ରମ ମୁଦ୍ରାରେ ଦୁଇ ପାର୍ଶ୍ୱ ଭଳି । ମନୁଷ୍ୟ ସମୟେ ସମୟେ କୌଣସି ଏକ ସିଦ୍ଧାନ୍ତରେ ପହଂଚିଲା ବେଳକୁ ଭ୍ରମରେ ପଡ଼ିଥାଏ । କିନ୍ତୁ ନିୟତିର ବିଚାର ଯାହା ଘଟିବାକୁ ଥାଏ, ତାହା ହିଁ ହୁଏ ।




ସ୍ୱୟଂ ଭଗବାନଙ୍କ ନିୟତିର ଅଧିନରେ । ଭଗବାନ୍ ନିୟତିକୁ ସୃଷ୍ଟି କଲେ ବି ସେ ନିଜେ ନୀତି ନିୟମକୁ ମାନି ଚଳିବାକୁ ବାଧ୍ୟ । ଏଣୁ ନିୟତିର କରାଳ ଚିତ୍ରରୁ କେହି ବର୍ତିପାରିବେ ନାହିଁ । ଏଣୁ ସତ୍ କର୍ମ କରି ଭଗବାନଙ୍କ ଶରଣାପନ୍ନ ହେଲେ ଆସୁଥିବା ବିପଦରୁ ହୁଏ ତ ରକ୍ଷା ପାଇ ଯାଇ ପାରିବ । ଏଣୁ କୁକର୍ମ ପରିତ୍ୟାଗ କରି ଉତମ କାର୍ଯ୍ୟରେ ମନ ଲଗାଇଲେ କେତେକ କ୍ଷେତ୍ରରେ ନିୟତିର ଗତିକୁ ଆମେ ତାଳ ଦେଇ ଚାଲିପାରିବା ।

***

# हिन्दी बिभाग

# सामाजिक व्यवहार

नाम– स्वर्णप्रभा साहु
कक्षा – ९वीं

मनुष्य एक सामाजिक प्राणी है। इस विशाल समाज में रहने के लिए हमें भिन्न - भिन्न वर्ग के व्यक्ति के साथ रहना पडता है। इसलिए व्यक्ति के साथ मिल कर रहने में, वातों में या अन्य रिस्तो में जिस तरह आचरण या मनोभाव प्रकट करते हैं उसे व्यवहार कहते हैं।

कोई भी व्यक्ति किसका दोस्त या दुश्मन, जन्म से नहीं बनता हैं। अपना व्यवहार से हम मित्र या शत्रु बनाते हैं। विपत्ति चाहे कितना भी हो हमें हमेशा अपना व्यवहार उत्तम रखना चाहिए। जिस तरह एक पेड अपने नम्रता से बडे बडे तुफान को भी पार करके सफलता प्राप्त करता है, उसी तरह हम अपने नम्र व्यवहार से किसी भी विपत्ति का साम्मना करपे सफलता प्राप्त कर सकेगें।

इस सम्वन्ध में महाभारत का एक कथावस्तु उदाहरण में लिया जा सकता है। अस्त्रगुरु द्रोण के प्रिय शिष्य तृतिय पाण्डव अर्ज्जुन । गुरु-शिष्य के बिच में निविड संपर्क था। एकदा महाभारत युद्ध चलते समय कौरव के गुरू द्रोण के नेतृत्व से चक्रव्युह रचना करके पाण्डवों के उपर आक्रमण करने कि योजना किये थे। चक्रव्युह को भेद करना केवल अर्ज्जुन को पत्ता था। इसलिए कौरव ने जानवुझकर अर्ज्जुन को युद्ध का बाहाना बनाकर दुर ले गये। उनके बाद केवल पुत्र अभिमन्यु को चक्रव्युह भेद करना पता था। लेकिन लौटने का मार्ग नहीं पता था। फिर भी वह चक्रव्युह को भेद कर महारथियों को परास्त किया। अन्त में अभिमन्यु को गुरू द्रोण का साम्मना करना पडा। उन्होंने अर्ज्जुन के पुत्र को देखकर श्रद्धा से वातें की। उनका स्नेह प्रकट हो रहा था। परन्तु अभिमन्यु कहे कि, स्नेह, श्रद्धा का दिखावा न करें। अभिमन्यु के व्यवहार में वदलाप दिखाई दिया था। उनके इस प्रकार व्यवहार के कारण गुरु द्रोण क्रोधित हो गये। उन्होंने अभिमन्यु का वध करने में कौरव के सहायता कि थी। अगर अभिमन्यु उत्तम व्यवहार करते तो गुरु द्रोण क्रोध प्रकाश नहीं करते और अभिमन्यु का वध नहीं होता। अभिमन्यु के इस प्रकार व्यवहार के कारण उनका वध हुआ था

इसालिए सर्वदा उत्तम व्यवहार करना चाहिए।

***

# तीन खिलौना

नाम- सत्यजित नायक
कक्षा -८वी

एक दिन एक कारीगर राजा भोज के दरबार में पितल के तीन खिलौने लेकर आया। देखने में तो व तीनो खीलौनें एक जैसे ही थे। उन खीलौनो में बाल भर का भी फरक नेहीं था। राजा भोज उन खिलौनें को देखकर बहुत खुश हुए और बोले - '' हमें ये तीन खीलोनें बहुत पसन्द लगे, इनकी क्या कीमत है ?'' कारिगर ने जबाब दिया एक कि किमत् एक लाख रूपेया, और दुसरे का किमत एक सौ रुपेया और तिसरे कि किमत एक रूपेया है।

राजा भोज ने हैरान हो कर पुछा - ''भैया इन खिलोने में इतना फरक क्यिौं हैं ? देखने में ही तो तिनो एक ही जैसे हैं। ना रूप में , ना धातु में, ना रंग में।''

कारीगर ने हाथों को बांध कर कहा - '' महाराज, इन तीनो खिलोनो में बडा फरक हैं। अगर फरक नेहीं होता तो में क्यिुँ इनके किमत अलग अलग बोलता।'' अब महाराज इन तीन खीलौनों को बहुत ही ध्यान् से देखने लगे, पर अभी भी उन में कोई फरक दिखा। अब दरबारियों ने भी हार मानकर कहा - ''महाराज, यह एक झुठा हैं, ईन तीन खिलोनो में कोई भी फरक नेहीं है''।

